Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ  نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ  وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 2

ସଂଖ୍ୟା 36-37

ସାପ୍ତାହିକ ବଦର

The Weekly କାଦିଆନ

BADAR Qadian

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

ଗୁରୁବାର 07-14 ସେପ୍ଟେମ୍ବର୍ 2017  07-14 ତବୁକ୍ 1396 ହି.ଶ  15-22 ଜିଲ୍‌ହଜା 1438 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲ୍‌ହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ୱ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ୍ୱ ବାରିକ୍‌ଲନା ଫି'ଉମ୍‌ରିହି ୱ୍ୱ ଅମ୍‌ରିହି ॥

**ପେଶ୍‌ଗୋଇ ଦ୍ୱାରା ମୋତେ ଜଣାଇ ଦିଆଯାଇଛି ଯେ କରମ୍‌ଦୀନ୍ ମତେ ସଜା ଦେବାପାଇଁ ଫୌଜଦାରୀରେ ମୋକଦ୍ଦମା କରିବ ଏବଂ ତାର ଅନେକ ସହଯୋଗି ତାକୁ ସାହାଯ୍ୟ କରିବେ । ଶେଷରେ ସେ ନିଜେ ସଜା ଭୋଗିବ ଓ ଖୁଦା ମତେ ତା ଦୁଷ୍ଟତାରୁ ମୁକ୍ତି ଦେବେ । ସୁତରାଂ ଏପରି ହିଁ ହେଲା ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

**(୨୪)- ୨୩ ତମ ନିଦର୍ଶନ :-** ୩୦ ଜୁନ୍ ୧୮୯୯ ମସିହାରେ ମତେ ଏପରି ଏଲ୍‌ହାମ୍ ହେଲା । ପ୍ରଥମେ ବେହୋସ୍, ପୁଣି ଗଶି (ଅଚେତନ ଅବସ୍ଥା) ପୁଣି ମୃତ୍ୟୁ । ଏହା ସହିତ ପ୍ରବୋଧନ ଦିଆଗଲା ଯେ ଏ ଏଲ୍‌ହାମ୍ ଜଣେ ସୁମିତ୍ର ବନ୍ଧୁଙ୍କ ବିଷୟରେ ହୋଇଛି, ଯାହାଙ୍କ ମୃତ୍ୟୁ ଦ୍ୱାରା ଆମକୁ ଦୁଃଖ ହେବ । ତେଣୁ ନିଜ ଯମାତ୍‌ର ବହୁତ ଲୋକଙ୍କୁ ଏ ଏଲ୍‌ହାମ୍ (ଐଶ୍ୱରିକ ବାଣୀ) ଶୁଣାଇ ଦିଆଗଲା । ଏବଂ ୩୦ ଜୁନ୍ ୧୮୯୯ ଅଲ୍‌ହକମ୍ ପତ୍ରିକାରେ ଲେଖାହୋଇ ଛପାଗଲା । ପୁଣି ଜୁଲାଇ ୧୮୯୯ ମସିହା ଶେଷରେ ଆମର ଜଣେ ଅତି ବିଶ୍ୱସନୀୟ ବନ୍ଧୁ ଡ଼ାଃ ମୁହମ୍ମଦ୍ ବୋଢ଼େ ଖାନ୍ ସାହେବ୍ ଆସିଷ୍ଟାଂଟ୍ ସରଜନ୍ କସୁରଠାରେ ଅଚାନକ ମୃତ୍ୟୁବରଣ କଲେ । ପ୍ରଥମେ ବେହୋସ୍ ହେଲେ, ପୁଣି ଥରେ ଅବଚେତନ ଅବସ୍ଥାକୁ ଚାଲିଗଲେ । ପୁଣି ଏହି ଅସ୍ଥାୟୀ ସଂସାରରୁ ବିଦାୟ ନେଲେ । ତାଙ୍କ ମୃତ୍ୟୁ ଓ ଏହି ଏଲ୍‌ହାମ୍ ମଧ୍ୟରେ କେବଳ କୋଡ଼ିଏ ବାଇଶ ଦିନର ଅନ୍ତର ଥିଲା ।

**(୨୫)- ୨୫ ତମ ନିଦର୍ଶନ :-** କରମ୍‌ଦୀନ୍ ଝେଲ୍‌ମୀର ସେହି ଫୌଜଦାରୀ ମୋକଦ୍ଦମା ବାବଦରେ ପେଶ୍‌ଗୋଇ, ଯାହା ସେ ଝେଲମ୍ ଠାରେ ମୋ ଉପରେ ଦାଏର୍ କରିଥିଲା । ସେହି ପେଶ୍‌ଗୋଇର ଶବ୍ଦଗୁଡିକ ଅଲ୍ଲାଃତାଲା ତରଫରୁ ଏପରି ଥିଲା । ରବ୍‌ବେ କୁଲ୍ଲୋ ଶଇଇନ୍ ଖାଦିମୁକା ରବ୍‌ବି ଫହ୍‌ପିଜ୍‌ନି ୱ୍ୱନ୍‌ସୁରନି ୱ୍ୱଲ୍‌ହମ୍‌ନି । ଏହିପରି ଅନ୍ୟାନ୍ୟ ଏଲ୍‌ହାମ୍ ଗୁଡିକ ମଧ୍ୟ ଥିଲା ଯେଉଁଥିରେ ମୁକ୍ତ ମିଳିବା ବିଷୟରେ ପ୍ରତିଷ୍ଠିତ ଦିଆଯାଇଥିଲା । ସୁତରାଂ ଅଲ୍ଲାଃତାଲା ମୋତେ ଏହି ମୋକଦ୍ଦମାରୁ ମୁକ୍ତି କରାଇଲେ ।

**(୨୬)- ୨୬ ତମ ନିଦର୍ଶନ :-** କରମ୍‌ଦୀନ୍ ଝେଲ୍‌ମୀର ସେହି ଫୌଜଦାରୀ ମୋକଦ୍ଦମାରୁ ମୁକ୍ତି ଯାହା ଗୁରୁଦାସ୍‌ପୁରଠାରେ ଚନ୍ଦୁଲାଲ୍ ଓ ଆତ୍ମାରାମଙ୍କ ମାଜିଷ୍ଟ୍ରେଟ୍ ଅଦାଲତ୍‌ରେ ମୋ ଉପରେ ଦାଏର୍ କରାଯାଇଥିଲା । ଏହି ପେଶ୍‌ଗୋଇରେ ବତାଇ ଦିଆଗଲା ଯେ ପରିଶେଷରେ ମୁକ୍ତି ହେବ ସୁତରାଂ ମୁଁ ମୁକ୍ତି ପାଇଲି ।

**(୨୭)- ୨୭ ତମ ନିଦର୍ଶନ :-** କରମ୍‌ଦୀନ୍ ଝେଲ୍‌ମୀକୁ ଦଣ୍ଡମିଳିବା ବାବଦରେ ପେଶ୍‌ଗୋଇ ତା' ଅନୁସାରେ ସେ ପରିଶେଷରେ ଦଣ୍ଡ ପାଇଲା ଦେଖନ୍ତୁ ମୋ ପୁସ୍ତକ 'ମୱ୍ୱାହିବୁର୍ ରହ୍‌ମାନ୍' ପୃଷ୍ଠା-୧୨୯, ଧାଡ଼ି-୮ । ଏହି ତିନୋଟି ଯାକ ପେଶ୍‌ଗୋଇ ବହୁତ ବ୍ୟାଖ୍ୟା ସହିତ ମୱ୍ୱାହିବୁର୍ ରହମାନ୍ ରେ ଲେଖାହୋଇଛି । ଏହି ପୁସ୍ତକ 'ମୱ୍ୱାହିବୁର୍ ରହ୍‌ମାନ' ସେ ସମୟରେ ଲେଖାହୋଇ ଛପା ହୋଇଥିଲା, ଯେତେବେଳେ ପେଶ୍‌ଗୋଇ ଫଳାଫଳ ବିଷୟରେ କିଛି ଜଣା ନଥିଲା । ପୁସ୍ତକରେ ଛପା ହୋଇଥିବା ପେଶ୍‌ଗୋଇ ବାକ୍ୟଗୁଡିକ ଏପରି - ୱ୍ୱ ମିନ୍ ଆୟାତି ମା...................ଇସ୍‌ମହୁ କରମଦୀନ୍.........ଗଏରୁ ଶକ୍କ ୱ୍ୱଶ୍‌ଶୁବ୍‌ହା ଅର୍ଥାତ୍- ମୋ ପାଇଁ ପ୍ରକାଶ କରାଯାଇଥିବା ନିଦ୍ଦର୍ଶନ ଗୁଡିକ ବ୍ୟତୀତ ଆଉ ଗୋଟିଏ ନିଦ୍ଦର୍ଶନ ଯାହାକୁ ସର୍ବ ଶକ୍ତିମାନ ଓ ସର୍ବଜ୍ଞ ଖୁଦା ଜଣେ ନିଚ୍ଚ ଘୃଣ୍ୟ ବ୍ୟକ୍ତି ଓ ତାର ମିଥ୍ୟା ଦୋଷାରୋପ ବାବଦରେ ମୋତେ ଖବର ଦେଇଛନ୍ତି ଓ ସେ ମୋତେ ତାଙ୍କ ୱ୍ୱହି ଜରିଆରେ ସୁଚନା ଦେଇଛନ୍ତି ଯେ ଏହି ବ୍ୟକ୍ତିଜଣକ ମୋ ସମ୍ମାନକୁ କ୍ଷୁର୍ଣ୍ଣ କରିବା ପାଇଁ ଆଘାତ ଦେବ । କିନ୍ତୁ ପରିଶେଷରେ ସେ ମୋ ଶିକାରରେ ନିଜେ ପଡ଼ିଯିବ । ଖୁଦାତାଲା ଏ ବିଷୟ ତିନୋଟି ସ୍ୱପ୍ନ ଦ୍ୱାରା ମୋ ଉପରେ ପ୍ରକଟ କରାଇଛନ୍ତି ଯେ ଏ ଶତ୍ରୁ ଜଣକ ତାର ତିନିଜଣ ସହଯୋଗୀଙ୍କୁ ନିଜର ସଫଳତା ନିମନ୍ତେ ବ୍ୟବହାର କରିବ । ଯାହାଦ୍ୱାରା ସେ (ମୋତେ) ଯେ କୌଣସି ପ୍ରକାରରେ ଅପମାନ ଓ ଦୁଃଖ ପହଂଚାଇବ । ମୋତେ ଏ ବିଷୟ ସ୍ୱପ୍ନରେ ଦେଖାଇଦିଆଗଲା ଯେ ଯେପରି ମୁଁ ଗୋଟିଏ ଅଦାଲତରେ ବନ୍ଦି ସଦୃଶ ହାଜିର ହୋଇଅଛି ଏବଂ ମୋତେ ଦେଖାଇ ଦିଆଗଲା ଯେ ଏ ଅବସ୍ଥାର ଶେଷ ପରିଣତି ହେଉଛି ମୋର ମୁକ୍ତି । ଯଦିଚ କିଛି ଦିନ ପରେ ଏହା ହେବ । ମୋତେ ଶୁଭ ଖବର ଦିଆଗଲା ଯେ ଏହି ଘୃଣ୍ୟ ମିଥ୍ୟାବାଦୀଙ୍କ ଉପରେ ବିପତି ପଡ଼ିବ । ସୁତରାଂ ଏହି ସମସ୍ତ ସ୍ୱପ୍ନ ଓ ଏଲ୍‌ହାନ୍ ଗୁଡିକୁ ମୁଁ ସମୟ ପୂର୍ବରୁ ପ୍ରକାଶ (ଖବରକାଗଜରେ ଛପାଇ) କରିଦେଲି । ଓ ଯେଉଁ ଖବରକାଗଜ ଗୁଡିକରେ ମୁଁ ପ୍ରକାଶ କରାଇଛି ସେମାନଙ୍କ ମଧ୍ୟରୁ ଗୋଟିଏ ନାମ ହେଉଛି 'ଅଲ୍‌ହକମ୍' ଓ ଦ୍ୱିତୀୟ ନାମଟି ହେଉଛି 'ଅଲ୍‌ବଦର୍' । ପୁଣି ମୁଁ ଅପେକ୍ଷା କରି ଚାଲିଛି ଯେ ଏହି ଭବିଷ୍ୟବାଣୀ କେବେ ପୁରା ହେବ । ପୁନଶ୍ଚ ଯେତେବେଳେ ଏକବର୍ଷ ପୁରା ହୋଇଗଲା ଏହି ଧାର୍ଯ୍ୟ କରାଯାଇଥିବା କଥା କରମ୍‌ଦୀନ୍‌ଙ୍କ ହାତରେ ପ୍ରକାଶ ହେଲା (ଅର୍ଥାତ୍ ସେ ମୋ ଉପରେ ବିନା କାରଣରେ ଫୌଜଦାରୀ ମୋକଦ୍ଦମା ଦାଏର୍ କଲା) । ସୁତରାଂ ତା ମୋକଦ୍ଦମା ଦାଏର୍ କରିବା ସହିତ ପେଶ୍‌ଗୋଇର ଗୋଟିଏ ଅଂଶ ପୁରା ହୋଇଗଲା । ଆଉ ଯେଉଁ ବାକି ଅଂଶଟି ଅର୍ଥାତ୍ ମୋର ଏହି ମୋକଦ୍ଦମାରୁ ମୁକ୍ତି ପାଇବା ଓ ପରିଶେଷରେ ତାକୁ ଦଣ୍ଡ ମିଳିବା, ଏହା ମଧ୍ୟ ନିକଟ ଭବିଷ୍ୟତରେ ପୁରା ହୋଇଯିବ । ଏହି ଲେଖାର ଅଂଶରୁ ସ୍ୱଷ୍ଟ ହେଉଛି ଯେ ଏହି ପୁସ୍ତକଟି ପ୍ରକାଶ ହେବା ସମୟ ପର୍ଯ୍ୟନ୍ତ ନା ତ ମୋତେ କରମ୍‌ଦୀନ୍‌ଙ୍କ ମୋକଦ୍ଦମାରୁ ମୁକ୍ତି ମିଳିଥିଲା ନା ସେ ଦଣ୍ଡିତ ହୋଇଥିଲା । ବରଂ ଏହା ସବୁ ପେଶ୍‌ଗୋଇ ରୂପେ ଲେଖାଯାଇଥିଲା । ଏହା ସବୁ ହେଉଛି ଉପରେ ଲେଖାଯାଇଥିବା ଭବିଷ୍ୟବାଣୀର ଅନୁବାଦ ଯାହା ଆରବୀ ଭାଷାରେ ଲେଖାହୋଇଛି । ଯେଉଁଥିରେ ବତାଯାଇଥିଲା ଯେ କରମ୍‌ଦୀନ୍ ମୋତେ ଦଣ୍ଡିତ କରାଇବା ପାଇଁ ଫୌଜଦାରୀ ମୋକଦ୍ଦମା ଦାଏର୍ କରିବ ଓ କେତେକ ସହଯୋଗୀ ତାକୁ ସାହାଯ୍ୟ କରିବେ । ପରିଶେଷରେ ସେ ନିଜେ ଦଣ୍ଡ ପାଇବ ଏବଂ ଖୁଦା ମୋତେ ତା ଦୁଷ୍ଟତାରୁ ମୁକ୍ତି ଦେବ । ସୁତରାଂ ଏପରି ହିଁ ପ୍ରକଟ ହେଲା । ଏବେ ଭାବିବା ଉଚିତ୍ ଯେ ଏହି ପେଶ୍‌ଗୋଇଟି କେଡ଼େ ଅଦୃଶ୍ୟ ସତା ଉପରେ ଆଧାରିତ । ଏହା କଣ କୌଣସି ମନୁଷ୍ୟ ବା ସଇତାନ୍‌ର କାର୍ଯ୍ୟ ଅଟେ ଯେ ଏପରି ପେଶ୍‌ଗୋଇ କରିପାରିବ, ଯାହା ମୋ ସମ୍ମାନ ଏବଂ ଶତ୍ରୁକୁ ବେଇଜତ୍ କରିବା ପାଇଁ ନିର୍ଦ୍ଦେଶ ଦେଉଥିବ ।

**(ହକିକତୁଲ୍ ୱ୍ୱହି ରୁହାନି ଖଜାଏନ୍ ଖଣ୍ଡ-୨୨, ପୃଷ୍ଠା-୨୨୩-୨୨୬)**

### ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୩ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୭ ମସିହା ଡିସେମ୍ବର୍ ତା-୨୯,୩୦,୩୧ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ଦେଇଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । **(ନାଜର୍ ଇସ୍‌ଲାହ ୱ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

ପ୍ରିନ୍ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

# ଇନ୍‌ଫାକ୍ ଫି ସବିଲିଲ୍ଲାଃ

## (ଅଲ୍ଲାଃଙ୍କ ମାର୍ଗରେ ଖର୍ଚ୍ଚ କରିବା)

ମୌଲାନା ଅତାଉଲ୍ ମୁଜିବ୍ ରାଶିଦ୍ (ଇମାମ୍ ମସ୍‌ଜିଦ୍ ଫଜଲ୍ ଲଣ୍ଡନ୍)

ଅଲ୍ଲାଃତାଲା ମନୁଷ୍ୟକୁ ଏହି ସଂସାରରେ ଏଥିଯୋଗୁଁ ସୃଷ୍ଟି କରିଛନ୍ତି ଯେ ସେ ଜଣେ ଭକ୍ତ ରୂପେ ନିଜ ଜୀବନ ବିତାଇ ଅଲ୍ଲାଃଙ୍କ ନିକଟତର ହେବାପାଇଁ ସମସ୍ତ ମାର୍ଗକୁ ଅନୁସରଣ କରି ଚାଲିବ । ଫଳତଃ ସେ ଯେତେବେଳେ ଏହି କର୍ମ କ୍ଷେତ୍ରରୁ ଫଳକ୍ଷେତ୍ର (ଅର୍ଥାତ୍ ଇହକାଳରୁ ପରକାଳ) ଆଡ଼କୁ ପ୍ରତ୍ୟାଗମନ କରିବ ତେବେ ନିଜ ଜୀବନର ଲକ୍ଷ୍ୟକୁ ସଫଳ ପାଇବ ଓ ଅଲ୍ଲାଃଙ୍କ ସନ୍ତୁଷ୍ଟି ଦ୍ୱାରା ଅନନ୍ତ ଯନ୍ନତ୍ (ସ୍ୱର୍ଗ) ରେ ପ୍ରବେଶ କରିପାରିବ । ଏହି ମହାନ୍ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ଖୁଦାତାଲା ଯେଉଁ ମାଧ୍ୟମ ଓ ସାଧନ ପ୍ରଦାନ କରିଛନ୍ତି ସେଥିମଧ୍ୟରୁ ଗୋଟିଏ ମହତ୍ତ୍ୱପୂର୍ଣ୍ଣ ମାଧ୍ୟମ ହେଉଛି ''ଇନ୍‌ଫାକ୍ ଫି ସବିଲିଲ୍ଲାଃ'' ଅର୍ଥାତ୍- ଅଲ୍ଲାଃତାଲାଙ୍କ ମାର୍ଗରେ ତା ସାନ୍ନିଧ୍ୟ ହାସଲ କରିବା ପାଇଁ ନିର୍ମଳ ହୃଦୟ (ଓ ବିଶୁଦ୍ଧ ସଂକଳ୍ପ) ସହିତ ବ୍ୟୟ କରିବା । ଏହି ନିବନ୍ଧରେ ମୁଁ ଉକ୍ତ ପ୍ରସଙ୍ଗ ବାବଦରେ କିଛି କଥା ଆପଣଙ୍କ ଗୋଚରରେ କହିବି ।

## ପବିତ୍ର କୋରାନ୍‌ର ଆୟତ

ଅଲ୍ଲାଃତାଲା ମୋମିନଙ୍କ ହିଦାୟତ ଓ ମାର୍ଗଦର୍ଶନ ନିମନ୍ତେ ପବିତ୍ର କୋରାନ୍ ରୂପକ ସମ୍ପୂର୍ଣ୍ଣ ଶରିୟତ୍ ଅବତୀର୍ଣ୍ଣ କରିଛନ୍ତି ଯାହାକୁ ହୁଦଲ୍ ଲିନ୍ନାସ ମଧ୍ୟ କୁହାଯାଏ ଓ ବିଶେଷ ରୂପେ ହୁଦଲ୍ ଲିଲ୍ ମୁତ୍ ତକିନ୍ ମଧ୍ୟ । ଏଥିରେ ସେ ସମସ୍ତ ବିଷୟ ବର୍ଣ୍ଣନା କରାଯାଇଛି ଯାହା ମଣିଷ ଜୀବନର ଲକ୍ଷ୍ୟ ହାସଲ ପାଇଁ ଆବଶ୍ୟକ ହୋଇଥାଏ । ଏହି ବିଷୟଗୁଡ଼ିକ ମଧ୍ୟରୁ ଗୋଟିଏ ବିଷୟ ହେଉଛି ଅଲ୍ଲାଃଙ୍କ ମାର୍ଗରେ ନିଜ ଧନକୁ ଖର୍ଚ୍ଚ କରିବା । ଏ ବିଷୟରେ ଏତେ ତାଗିଦ୍ କରାଯାଇଛି ଯେ ଏଥିରୁ ତାର ଗୁରୁତ୍ୱ ଜଣାପଡୁଛି ଏବଂ ଜଣାପଡୁଛି ଯେ ଏହି ମାର୍ଗକୁ ଅନୁସରଣ କରିବା ଦ୍ୱାରା ମନୁଷ୍ୟ ତା ଜୀବନର ଲକ୍ଷ୍ୟକୁ ହାସଲ କରିପାରିବ । ପବିତ୍ର କୋରାନ୍‌ର ପଠନ ଦ୍ୱାର ସର୍ବପ୍ରଥମେ ସୁରା ବକ୍ରାର ପ୍ରାରମ୍ଭିକ ଆୟତଟି ଆମ ଧ୍ୟାନ ଆକର୍ଷଣ କରୁଅଛି । ସେଥିରେ ଅଲ୍ଲାଃତାଲା କହୁଛନ୍ତି-

ଜାଲିକଲ୍ କିତାବୁ ଲା ରଇବା ଫିହି ହୁଦଲ୍ ଲିଲ୍ ମୁତ୍ ତକିନ୍

(ସୁରା ବକ୍‌ରା ଆୟତ ନଂ-୩)

ଅର୍ଥାତ୍- ପବିତ୍ର କୋରାନ୍ ସେହି ମହାନ୍ ପ୍ରତିଶ୍ରୁତ ପୁସ୍ତକ ଅଟେ ଯେଉଁଥିରେ ଏକ ଅଣୁମାତ୍ରାରେ ମଧ୍ୟ ସଂଶୟ ନାହିଁ ଓ ଏହା ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି) ମାନଙ୍କ ପାଇଁ ପଥ ପ୍ରଦର୍ଶକ ଅଟେ ।

ଏଥିରେ ପ୍ରଶ୍ନ ଉଠୁଛି ଯେ ସେହି ସବୁ ମୁତ୍‌ତକି କେଉଁମାନେ ଓ ମନୁଷ୍ୟ କିପରି ମୁତ୍‌ତକି ହୋଇପାରିବ ? ଏହି ଦୁଇଟି ପ୍ରଶ୍ନର ଉତ୍ତର ଅଲ୍ଲାଃତାଲା ଏପରି ଦେଇ କହୁଛନ୍ତି ଯେ

– ଅଲ୍‌ଲଜିନା ୟୁମିନୁନା ବିଲ୍‌ଗଇବେ ୱ ୟୁକିମୁନସ୍ ସଲାତା ୱ ମିମ୍ମା ରଜ୍‌କନାହୁମ୍ ୟୁନ୍‌ଫିକୁନ୍ (ସୁରା ବକ୍‌ରା ଆୟତ ନଂ-୪)

ଅର୍ଥାତ୍- ମୁତ୍‌ତକି ହେଉଛନ୍ତି ସେମାନେ, ଯେଉଁମାନେ ଅଦୃଷ୍ଟରେ ବିଶ୍ୱାସ କରନ୍ତି (ଅର୍ଥାତ୍ ଅଦୃଶ୍ୟ ଅଲ୍ଲାଃଙ୍କ ଉପରେ), ନମାଜ ପାଠ କରନ୍ତି ଏବଂ ଆମେ ଯାହା (କିଛି) ସେମାନଙ୍କୁ ଦେଇଅଛୁ ତହିଁରୁ ବ୍ୟୟ କରନ୍ତି । ଏଥିରେ ସଫଳ ମୋମିନ୍‌ମାନଙ୍କ ପାଇଁ ଦୁଇଟି ମୁଳ କଥା ବର୍ଣ୍ଣନା କରାଯାଇଛି ।.....

ଏହି ଆୟତରେ ତକ୍‌ୱା ପିପାସୁ ଲୋକଙ୍କର ଗୋଟିଏ ଚିହ୍ନ ଏପରି ବର୍ଣ୍ଣନା କରାଯାଇଛି ଯେ ତା ଜୀବନର ଗୋଟିଏ ଗୋଟିଏ କ୍ଷଣ ଏପରି ସନ୍ତୁଷ୍ଟତାର ସହିତ ବିତେ ଯେ ସେ ଜାଣିନିଏ ମୁଁ ଯାହାକିଛି ପାଇଛି ତାହା ଅଲ୍ଲାଃଙ୍କ କୃପାରୁ ପାଇଛି । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଏହାକୁ ବହୁତ ସୁନ୍ଦର ରୂପରେ ବର୍ଣ୍ଣନା କରି କହୁଛନ୍ତି–

'ସବ୍‌କୁଛ୍ ତେରି ଆତା ହେ
ଘର୍ ସେ ତୋ କୁଛ୍ ନା ଲାଏ'

**ଅର୍ଥାତ୍-** ସବୁକିଛି ଅଟେ ତୋହରି ଦାନ,
ଘରୁ ଆଣିନାହିଁ କିଛି ଏ ଜନ ।

ଅର୍ଥାତ୍ – ଭକ୍ତ ପ୍ରଭୁଙ୍କ ଉପରେ ଏପରି ଦୃଢ଼ ବିଶ୍ୱାସ ରଖିଥାଏ ଯେ ଫଳତଃ ମୋମିନ୍ ତାର ସମ୍ପୂର୍ଣ୍ଣ ଜୀବନକୁ ଏପରି ବିତାଇଥାଏ ଯେ ସେ ନିଜର ସବୁ ଜିନିଷକୁ ପ୍ରଭୁଙ୍କର ଅନୁଗ୍ରହ ଓ ଦାନ ରୂପେ ବିଶ୍ୱାସ କରିଥାଏ । ଏବଂ ଖୋଲା ହୃଦୟତାର ସହିତ ଓ ପୂର୍ଣ୍ଣ ଆନନ୍ଦ ଚିତରେ ଖୁଦାଙ୍କ ମାର୍ଗରେ ଖର୍ଚ୍ଚ କରିଥାଏ ଏବଂ ଖର୍ଚ୍ଚ କରିଚାଲିଥାଏ । ନିଜର ଜୀବନ, ଧନ, ସମୟ, ସମ୍ମାନ ଓ ନିଜର ସମସ୍ତ ଈଶ୍ୱର ପ୍ରଦତ୍ତ ଶକ୍ତି ଓ ସାମର୍ଥ୍ୟର ଗୋଟିଏ ଗୋଟିଏ ଅଣୁ ଏହି ମାର୍ଗରେ କୁର୍ବାନି (ତ୍ୟାଗ) କରିଚାଲେ ଓ ସବୁକିଛି ତ୍ୟାଗ କରିବା ପରେ ତା ହୃଦୟର ଅନ୍ତରରୁ ଏପରି ଧ୍ୱନୀ ବାହାରେ–

'ଜାନ୍ ଦି ଦିହୁଇ ଉସିକି ଥି
ହକ୍ ତୋ ୟେ ହେ କେ ହକ୍ ଆଦା ନା ହୁଆ'

**ଅର୍ଥାତ୍** – ମୁଁ ମୋ ଜୀବନ ଦେଇଦେଲି (କିନ୍ତୁ) ଏ ଜୀବନ ତ ସେ (ଅଲ୍ଲାଃ ହିଁ ମୋତେ) ଦେଇଥିଲା ।

ଏହାକୁ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ବହୁତ ସୁନ୍ଦର ରୂପେ ବର୍ଣ୍ଣନା କରିଛନ୍ତି । କହୁଛନ୍ତି –

''ଖୁଦା ସେ ୱହି ଲୋଗ୍ କର୍‌ତେ ହେଁ ପ୍ୟାର୍,
ଯୋ ସବ୍‌କୁଛ୍ ହି କର୍‌ତେ ହେଁ ଉସ୍‌ପେ ନିସାର୍ ।
ଇସି ଫିକର୍ ମେଁ ରହ୍‌ତେ ହେଁ ରୋଜୋ ଶବ୍,
କେ ରାଜି ୱହ୍ ଦିଲ୍‌ଦାର୍ ହୋତା ହେ କବ୍ ।
ଉସେ ଦେ ଚୁକେ ମାଲ୍ ୱ ଜାଁ ବାର୍‌ବାର୍,
ଅଭି ଖୌଫ୍ ଦିଲ୍ ମେଁ କେ ହେଁ ନାବ୍‌କାର୍'' ।

ଖୁଦାତାଲା ଇନ୍‌ଫାକ୍ ଫି ସବିଲିଲ୍ଲାଃ କୁ ଜେହାଦ୍ ରୂପେ ଅଭିହିତ କରି କହୁଛନ୍ତି –

''ୟା ଅୟୋହଲ୍ ଲଜିନା ଆମନୁ.............. ୱ ବଶ୍‌ଶିରିଲ୍ ମୁମିନିନ୍''

(ସୁରା ସଫ୍ ଆୟତ ନଂ-୧୧-୧୪)

ଅର୍ଥାତ୍ – ହେ ବିଶ୍ୱାସକାରୀମାନେ ! କଣ ଆମ୍ଭେ ତୁମ୍ଭମାନଙ୍କୁ ଏପରି ଏକ ବ୍ୟବସାୟ ସମ୍ବନ୍ଧରେ ସମାଚାର ଦେବୁ, ଯାହା ତୁମମାନଙ୍କୁ ଯନ୍ତ୍ରଣାଦାୟକ ଶାସ୍ତିରୁ ରକ୍ଷା କରିବ ? (ସେ ବ୍ୟବସାୟ ହେଉଛି ଏହା ଯେ) ତୁମେମାନେ ଅଲ୍ଲାଃଙ୍କ ତାହାଙ୍କ ରସୁଲଙ୍କ ପ୍ରତି ବିଶ୍ୱାସ କର, ଓ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ଆପଣା ଧନସମ୍ପତି ଓ ଜୀବନ ଅର୍ପଣ କରି ଜେହାଦ୍ କର; ଯଦି ତୁମେମାନେ ଜାଣିପାର, ତେବେ ଏହା ତୁମମାନଙ୍କ ପାଖରେ ଅତି ଉତ୍ତମ । (ତୁମେମାନେ ଏପରି କଲେ) ସେ ତୁମମାନଙ୍କ ପାପକୁ କ୍ଷମା କରିବେ, ଏବଂ ତୁମମାନଙ୍କୁ ଏପରି ବୈକୁଣ୍ଠରେ ପ୍ରବେଶ କରାଇବେ ଯାହାର ନିମ୍ନ ଦେଶରେ ଝରଣା ପ୍ରବାହିତ ହେଉଥିବ, ଏବଂ ଚିରସ୍ଥାୟୀ ବୈକୁଣ୍ଠର ପବିତ୍ର ଗୃହ ମାନଙ୍କରେ (ତୁମମାନଙ୍କୁ ରଖିବେ); ଏହା ଏକ ମହାନ୍ ସଫଳତା । ଏତତ୍‌ବ୍ୟତୀତ, ଅନ୍ୟ ଏକ ବିଷୟ ମଧ୍ୟ ଅଛି ଯାହା ତୁମେମାନେ ବହୁତ ଚାହୁଁଅଛ, ତାହା ହେଉଛି ଅଲ୍ଲାଃଙ୍କ ସମର୍ଥନ ଓ ଆସନ୍ନ ବିଜୟ; ଏବଂ ବିଶ୍ୱାସକାରୀମାନଙ୍କୁ ସୁସମାଚାର ପ୍ରଦାନ କର (ଯେ ସେମାନଙ୍କୁ ଅନ୍ୟ ଏକ ଆସନ୍ନ ବିଜୟ ପ୍ରାପ୍ତ ହେବ) ।

ଏହି ଆୟତ ଗୁଡ଼ିକରେ ଅଲ୍ଲାଃତାଲା ତାଙ୍କ ମାର୍ଗରେ ଖର୍ଚ୍ଚ କରିବା ଦ୍ୱାରା ଯେଉଁ ବର୍‌କତ୍ ମିଳେ ତାହାକୁ ବହୁତ ଉତ୍ତମ ରୂପେ ଚର୍ଚ୍ଚା କରିଛନ୍ତି । ସଂସାରରେ ମିଳିବାକୁ ଥିବା ପୁରସ୍କାର, ଖୁଦାତାଲାଙ୍କର ସାହାଯ୍ୟ ଓ ତା ଦ୍ୱାରା ପ୍ରଦାନ କରାଯାଇଥିବା ବିଜୟରୁ ମଧ୍ୟ ଚର୍ଚ୍ଚା କରାଯାଇଛି ଏବଂ ପରକାଳରେ ଯନ୍ତ୍ରଣାଦାୟକ କଷ୍ଟରୁ ମୁକ୍ତି, ପାପ ଗୁଡ଼ିକର ଅପସାରଣ ଓ ଅଲ୍ଲାଃତାଲାଙ୍କ ସାନିଧ୍ୟ ପାଇ ସଦାସର୍ବଦା ଜନ୍ନତ୍‌ରେ ଦାଖଲ ହେବା ପାଇଁ ସୁସମାଚାର ଦେଇଛନ୍ତି । ସ୍ପଷ୍ଟ ହେଉ ଯେ ମାଲି କୁର୍ବାନୀ ଜରିଆରେ ଅଲ୍ଲାଃତାଲାଙ୍କ ଏହି ସବୁ ପୁରସ୍କାର ଗୁଡ଼ିକ ଅଲ୍ଲାଃଙ୍କ ମାର୍ଗରେ ଜେହାଦ୍ କରୁଥିବା ସେହି ବ୍ୟକ୍ତିଙ୍କୁ ମିଳିଥାଏ । ଏବଂ ତା'ର ଇହକାଳ ଓ ପରକାଳର ଝୁଲାଟି ଏହିସବୁ ପୁରସ୍କାରରେ ଭରିରହେ ।

ଏହି ବିଷୟର ଚର୍ଚ୍ଚା ଆଉଗୋଟିଏ ଆୟତ୍‌ରେ ମଧ୍ୟ କରାଯାଇଛି ।

ଇନ୍ନଲାହାଶ୍‌ତରା....................ଲହୁମୁଲ୍ ଜନ୍ନାଃ (ସୁରା ତୌବା-୧୧୧)

ଅର୍ଥାତ୍- ଅଲ୍ଲାଃ ବିଶ୍ୱାସକାରୀମାନଙ୍କ ଠାରୁ ସେମାନଙ୍କ ଧନ ଓ ଜୀବନ (ଏହି ପ୍ରତିଶ୍ରୁତି ସହ) କ୍ରୟ କରିଛନ୍ତି ଯେ ସେମାନଙ୍କୁ ବୈକୁଣ୍ଠ ପ୍ରାପ୍ତ ହେବ ।

ଯେଉଁ ବ୍ୟକ୍ତିଙ୍କୁ ପ୍ରତିଶ୍ରୁତ ପୂରଣକାରୀ ଖୁଦାଙ୍କ ନିକଟରୁ ତା ଜୀବଦଶାରେ ବୈକୁଣ୍ଠ ପ୍ରାପ୍ତିର ସୁସମାଚାର ମିଳିଯାଏ ସେ ନିଶ୍ଚିତ ରୂପେ ତାର ଉଦ୍ଦେଶ୍ୟକୁ ହାସଲ କରିଯିବ । ଏହି ଆୟତର ଶେଷ ଅଂଶରେ ଅଲ୍ଲାଃତାଲା ମାଲି କୁର୍‌ବାନି କରିଥିବା ମୋଜାହିଦ୍ ମାନଙ୍କୁ କେଡ଼େ ସ୍ୱଷ୍ଟ ଶବ୍ଦରେ ସୁସମାଚାର ଦେଇଛନ୍ତି ଯେ ନିଜର ଝାଳ ଓ ରକ୍ତକୁ ବୁହାଇ କମାଇଥିବା ହଲାଲ୍ ଧନକୁ ମୋ ସାନିଧ୍ୟ ପାଇବା ପାଇଁ ତ୍ୟାଗ କରୁଥିବା ବ୍ୟକ୍ତି ବିଶେଷ ! ମୁଁ ତୁମମାନଙ୍କୁ କହୁଅଛି- ଫସ୍‌ତବ୍‌ଶିରୁ....... ହୁ ୱଲ୍ ଫଉଜୁଲ୍ ଅଜିମ୍ (ସୁରା ତୌବା-୧୧୧)

ଅର୍ଥାତ୍-ତୁମେମାନେ ଯେଉଁ କାରବାର କରିଅଛ, ସେଥିପାଇଁ ଆନନ୍ଦିତ ହୁଅ ଏବଂ ଏହା ହିଁ ଏକ ମହାନ୍ ସଫଳତା (ଯାହାର ପ୍ରତିଶ୍ରୁତି ବିଶ୍ୱାସକାରୀମାନଙ୍କୁ ଦିଆଯାଇଛି) କ୍ରମଶଃ....

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

# ଖୁତ୍‌ବା ଜୁମା

★ଅଲ୍ଲାଃତାଲାଙ୍କ ଅଶେଷ ଦୟା ଓ କୃପାରୁ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ବିଗତ ସପ୍ତାହରେ ସଫଳତାର ସହ ଅନୁଷ୍ଠିତ ହୋଇଗଲା । ସେହି ତିନି ଦିନ ଆମେ ଅଲ୍ଲାଃଙ୍କ କୃପା ଓ ବରକତ୍‌ର ଦୃଶ୍ୟ ଦେଖିଲେ ଏବଂ ପ୍ରତ୍ୟେକ ଯୋଗଦାନକାରୀ ଅନୁଭବ କଲେ ଯେ, ପ୍ରତି ମୁହୂର୍ତ୍ତରେ ଅଲ୍ଲାଃଙ୍କ କୃପା ଓ ସାହାଯ୍ୟ ସହଯୋଗ ଅବତିର୍ଣ୍ଣ ହେଉଥିଲା ।

★ବାର୍ଷିକ ଧର୍ମ ସମ୍ମିଳନୀ ଆୟୋଜନ କରିବାର ବିଭିନ୍ନ ଉଦ୍ଦେଶ୍ୟ ମଧ୍ୟରୁ ଏହା ଏକ ଉଦ୍ଦେଶ୍ୟ ଅଟେ କି ପରସ୍ପର ମଧ୍ୟରେ ଏପରି ଭ୍ରାତୃଭାବ ଓ କୃତଜ୍ଞତାର ଭାବନା ଉତ୍ପନ୍ନ କରିବା ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସାବ୍ୟସ୍ତ ହେବ । ଅଲ୍ଲାଃତାଲାଙ୍କ କୃପାରୁ ଏହି ପ୍ରେମ, ଭଲପାଇବା ଓ ଭ୍ରାତୃଭାବର ପ୍ରକାଶ ଯେତେବେଳେ ଆମେ ଆପଣା ଓ ପରଙ୍କ ସମସ୍ତଙ୍କ ସହିତ କରିଥାଉ ସେତେବେଳେ ପ୍ରତ୍ୟେକ ଅହେମଦିଙ୍କ ଏହି ଆଚରଣ ଅଣଅହେମଦି ଅତିଥିମାନଙ୍କୁ ଅତ୍ୟଧିକ ପ୍ରଭାବିତ କରିଥାଏ, ଯାହାର ସେମାନେ ଅଭିବ୍ୟକ୍ତି ପ୍ରକାଶ କରିଥାନ୍ତି କି ଇସଲାମର ପ୍ରକୃତ ଶିକ୍ଷାର ନମୁନା ଆମ୍ଭକୁ ଜଲସାରେ ଦେଖିବାକୁ ମିଳିଲା ।

★ବେନିନ୍‌ର ପୂର୍ବ ବୈଦେଶିକ ମନ୍ତ୍ରୀ ତଥା ରାଷ୍ଟ୍ରପତିଙ୍କ ପରାମର୍ଶଦାତା ମରିୟମ୍ ବୋନି ଜୟାଲୁ ସାହେବା କୁହନ୍ତି- ଜଲସା ଯୋଗୁଁ ମୁଁ ଜମାଅତର ଗଭୀର ଅନୁଧ୍ୟାନ କରିବାର ସୁଯୋଗ ପାଇଲି । ଜଲସାର ବ୍ୟବସ୍ଥା ଦେଖି ମୁଁ ଅତ୍ୟନ୍ତ ପ୍ରଭାବିତ ହେଲି । ସେବକମାନଙ୍କ ବ୍ୟବସ୍ଥାମୂଳକ ସ୍ତର ବେଶ୍ ଉର୍ଦ୍ଧ୍ୱରେ ଥିଲା ଏବଂ ସେମାନଙ୍କ ନିଷ୍ଠା ଦେଖି ମୁଁ ବ୍ୟବସ୍ଥା ଦିଗର ପ୍ରତ୍ୟେକ ଜିନିଷର ନିରୀକ୍ଷଣ କଲି କିନ୍ତୁ ଏଭଳି ବଡ଼ ଧରଣର ଆୟୋଜନରେ କୌଣସି ପ୍ରକାରର ତ୍ରୁଟି ଦେଖିବାକୁ ପାଇଲି ନାହିଁ ।

★କୋଷ୍ଟାରିକା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଯିଓ ମାୟା ସାହେବ ଜଲସାରେ ଯୋଗ ଦେଇଥିଲେ । ସେ କହିଲେ ଜଲସାରେ ଯୋଗ ଦେଇ ମୁଁ ଇସଲାମର ନୂତନ ରୂପ ଦେଖିବାକୁ ପାଇଲି । ମୁସଲମାନମାନଙ୍କର ଏଭଳି ଜମାଅତ ଦେଖିଲି ଯେଉଁମାନଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ ଓ ସଦ୍‌ଭାବନା ବାସ୍ତବରେ ଅତୁଳନୀୟ ଏବଂ ଯେ ନିଜ ବିଶ୍ୱାସକୁ ଅମଳରେ କରି ଦେଖାଇଥାନ୍ତି ।

★କୋଷ୍ଟାରିକାର ଜଣେ ସାଂସାଦଙ୍କ ପରାମର୍ଶଦାତା ଡ଼ଗଲସ୍ ମୋତି ରୋଶୋ ସାହେବ କହିଲେ ଜଲସାରେ ମୁଁ ଇମାମ ଜମାଅତଙ୍କର ବକ୍ତୃତା ଅତ୍ୟନ୍ତ ମନଧ୍ୟାନର ସହ ଶୁଣିଲି ତାଙ୍କର ଏହି ଉପଦେଶ ମୋତେ ଅତ୍ୟନ୍ତ ପ୍ରଭାବିତ କଲା କି ନିଜ ଶତ୍ରୁମାନଙ୍କୁ କ୍ଷମା ଦେଇ ସେମାନଙ୍କୁ ଦୁଆ ଦେଲେ ହୃଦୟ ସମସ୍ତ ପ୍ରକାରର ଦ୍ୱେଷରୁ ପବିତ୍ର ହୋଇଯାଇଥାଏ ।

★ଜଣେ କୁରେଶିନ୍ ମହିଳା କେଟ୍ରିନା ସାଲିକ୍ ସାହେବା ଜଲସାରେ ଯୋଗ ଦେଇ କହିଲେ ମୁଁ ପ୍ରଥମେ ଚର୍ଚ୍ଚରେ ସେବିକା (ନନ୍) ଥିଲି । ବର୍ତ୍ତମାନ ସତ୍ୟର ସନ୍ଧାନ କରୁଅଛି । ସେ କହିଲେ ଜଲସାର ପରିବେଶ ଓ ଏଠାରେ ଲଗାଯାଇଥିବା ପ୍ରଦର୍ଶନୀ ତଥା ଜମାଅତ ସମ୍ବନ୍ଧରେ ଅନ୍ୟାନ୍ୟ ଖବର ଜାଣିବା ପରେ ମୋର ବୁଦ୍ଧି ଉଜ୍ଜ୍ୱଳିତ ହୋଇଛି । ମନେହେଉଛି ମୋର ସତ୍‌ପଥ ପ୍ରାପ୍ତ କରିବାର ଯାତ୍ରା ଖୁବ୍ ଶିଘ୍ର ତାହାର ଲକ୍ଷ ସ୍ଥଳରେ ପହଂଚିଯିବ ।

★ହଜୁର ଅନଓ୍ୱର ଅ.ବ ଅନେକ ସମ୍ମାନନୀୟ ଅତିଥିମାନଙ୍କ ମନ୍ତବ୍ୟ ଚର୍ଚ୍ଚା କରି କହିଲେ- ଅନ୍ୟମାନଙ୍କ ଉପରେ ଆମ ଜମାଅତର ଯେଭଳି ପ୍ରଭାବ ପଡୁଅଛି ତାହାକୁ ସାମାନ୍ୟ ଅବସ୍ଥାରେ ମଧ୍ୟ ପ୍ରତିଷ୍ଠିତ ରଖିବାକୁ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ ଅହେମଦିଙ୍କର ଏହା ଏକ ବଡ଼ କର୍ତବ୍ୟ ଯାହାକୁ କେବଳ କିଛି ଦିନ ପାଇଁ ଲୋକ ଦେଖାଣିଆ କାର୍ଯ୍ୟ କରିବାର ନାହିଁ ବରଂ ସଦାସର୍ବଦା ପାଇଁ ଏହି ଉତମ ପ୍ରଭାବକୁ ବଜାୟ ରଖିବାର ଅଛି ।

★ହଜୁର ଅନୁଓ୍ୱର ଅ.ବ କହିଲେ- ଏହା କିଛି ଅଣଅହେମଦିଙ୍କ ଅଭିବ୍ୟକ୍ତି ଥିଲା ଯାହାର ମୁଁ ଚର୍ଚ୍ଚା କଲି । ଦେଖ ଜଲସାରେ ଏପରି କେତେକ ମୁସଲମାନ ମଧ୍ୟ ସାମିଲ୍ ଥିଲେ ଯେ ପ୍ରସାଶନିକ ମୂଖ୍ୟ କିମ୍ବା ସେମାନଙ୍କ ପ୍ରତିନିଧି ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣଙ୍କର ମନ୍ତବ୍ୟର ମଧ୍ୟ ଚର୍ଚ୍ଚା କରିଦେଉଛି ।

★ସେରୋଲିଓ୍ୱନ୍‌ର ଜଣେ ସାଂସାଦ ଶ୍ରୀମାନ ଅଲ୍ଲୀ କଲାକୋ ସାହେବ କହିଲେ- ଅହେମଦିୟତ୍ ହିଁ ଇସଲମର ବାସ୍ତବିକ ରୂପ ଅଟେ । ଅହେମଦି ମୁସଲମାନ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯେଉଁ ପ୍ରୟାସ କରୁଛନ୍ତି ତାହା ପ୍ରଶଂସା ଯୋଗ୍ୟ ଅଟେ ।

★କିଛି ନୂତନ ବୟତକାରୀ ଯେତେବେଳେ ପ୍ରେମ, ଭଲପାଇବା ଓ ଭ୍ରାତୃଭାବର ଦୃଶ୍ୟ ଦେଖନ୍ତି ସେତେବେଳେ ସେମାନଙ୍କ ବିଶ୍ୱାସରେ ଆହୁରି ଅଧିକ ଅଭିବୃଦ୍ଧି ଘଟିଥାଏ ।

★ଖୁତବା ଜୁମାର ଶେଷରେ ହଜୁର ଅନଓ୍ୱର ଅ.ବ ତିନି ଜଣ ମୃତକଙ୍କ ନମାଜ ଜନାଯାଃ ଗାଏବ ପାଠ କରିବାର ଘୋଷଣା କଲେ ।

---

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]

## (ପ୍ରଦତ୍ତ: ୦୪ ଅଗଷ୍ଟ ୨୦୧୭ ଅନୁଯାୟୀ ୦୪ ଜହୁର୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ

أَمَّا بَعْدُ فَأَعُوذُ بِاللهِ مِنَ الشَّيْطٰنِ الرَّجِيمِ۔ بِسْمِ اللهِ الرَّحْمٰنِ الرَّحِيمِ

اَلْحَمْدُ لِلّٰهِ رَبِّ الْعَالَمِينَ۔ اَلرَّحْمٰنِ الرَّحِيمِ۔ مٰلِكِ يَوْمِ الدِّينِ۔ إِيَّاكَ نَعْبُدُ وَإِيَّاكَ نَسْتَعِينُ۔

اِهْدِنَا الصِّرَاطَ الْمُسْتَقِيمَ۔ صِرَاطَ الَّذِينَ أَنْعَمْتَ عَلَيْهِمْ غَيْرِ الْمَغْضُوبِ عَلَيْهِمْ وَلَا الضَّالِّينَ۔

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ଅଲ୍ଲାଃତାଲାଙ୍କ ଅଶେଷ ଦୟା ଓ କୃପାରୁ ଇଂଲଣ୍ଡର ବାର୍ଷିକ ଧର୍ମ ସମ୍ମିଳନୀ ବିଗତ ସପ୍ତାହରେ ସଫଳତାର ସହ ଅନୁଷ୍ଠିତ ହୋଇଗଲା । ସେହି ତିନି ଦିନ ଆମେ ଅଲ୍ଲାଃଙ୍କ କୃପା ଓ ବରକତ୍‌ର ଦୃଶ୍ୟ ଦେଖିଲେ ଏବଂ ପ୍ରତ୍ୟେକ ଯୋଗଦାନକାରୀ ଅନୁଭବ କଲେ ଯେ, ପ୍ରତି ମୁହୁର୍ତ୍ତରେ ଅଲ୍ଲାଃଙ୍କ କୃପା ଓ ସାହାଯ୍ୟ ସହଯୋଗ ଅବତିର୍ଣ୍ଣ ହେଉଥିଲା । ସୁତରାଂ ଏଥିପାଇଁ ଆମେ ଯେଭଳି ଅଲ୍ଲାଃଙ୍କ ନିକଟରେ କୃତଜ୍ଞ ହେଲେ ମଧ୍ୟ

କମ୍ ହେବ । ଏହି କୃତଜ୍ଞ କର୍ମକର୍ତା ତଥା ଯୋଗଦାନକାରୀ ଅତିଥି ଉଭୟଙ୍କ ତରଫରୁ ବ୍ୟକ୍ତ ହେବା ଉଚିତ୍ । ଯଦ୍ଦ୍ୱାରା ଆମେ ଅଲ୍ଲାଃଙ୍କ କୃପା ଆହୁରି ଅଧିକରୁ ଅଧିକ ପ୍ରାପ୍ତ କରିପାରିବା ଏବଂ ଅତିଥିମାନଙ୍କୁ ସେବାରେ କର୍ଯ୍ୟରତ ସେବକମାନଙ୍କର ମଧ୍ୟ କୃତଜ୍ଞ ହେବା ଉଚିତ୍ ।

ହଜୁର ଅନଓ୍ୱର ଅ.ବ କହିଲେ-ବାର୍ଷିକ ଧର୍ମ ସମ୍ମିଳନୀ ଆୟୋଜନ କରିବାର ବିଭିନ୍ନ ଉଦ୍ଦେଶ୍ୟ ମଧ୍ୟରୁ ଏହା ଏକ ଉଦ୍ଦେଶ୍ୟ ଅଟେ କି ପରସ୍ପର ମଧ୍ୟରେ ଏପରି ଭାତୃଭାବ ଓ କୃତଜ୍ଞତାର ଭାବନା ଉତ୍ପନ୍ନ କରିବା ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ ସାବ୍ୟସ୍ତ ହେବ । ଅଲ୍ଲାଃତାଲାଙ୍କ କୃପାରୁ ଏହି ପ୍ରେମ, ଭଲପାଇବା ଓ ଭାତୃଭାବର ପ୍ରକାଶ ଯେତେବେଳେ ଆମେ ଆପଣା ଓ ପରଙ୍କ ସମସ୍ତଙ୍କ ସହିତ କରିଥାଉ ସେତେବେଳେ ପ୍ରତ୍ୟେକ ଅହେମଦିଙ୍କ ଏହି ଆଚରଣ ଅଣଅହେମଦି ଅତିଥିମାନଙ୍କୁ ଅତ୍ୟଧିକ ପ୍ରଭାବିତ କରିଥାଏ, ଯାହାର ସେମାନେ ଅଭିବ୍ୟକ୍ତି ପ୍ରକାଶ କରିଥାନ୍ତି କି ଇସଲାମର ପ୍ରକୃତ ଶିକ୍ଷାର ନମୁନା ଆମ୍ଭଙ୍କୁ ଜଲସାରେ ଦେଖିବାକୁ ମିଳିଲା । ଯେଉଁଥିରେ ଆମେ ବେଶ୍ ପ୍ରଭାବିତ ହେଲୁ । ସେହିପରି କିଛି ଅତିଥିଙ୍କ ମତାମତ ଏଠାରେ ଉପସ୍ଥାପନ କରିବି ଯାହାକି ସେମାନେ ଏହି ପରିବେଶକୁ ପରିଲକ୍ଷିତ କରି ମୁକ୍ତ ଭାବରେ ନିଜର ଅଭିବ୍ୟକ୍ତି ପ୍ରକାଶ କଲେ କି ଯଦି ଏହା ଇସଲାମୀୟ ଶିକ୍ଷା ଅଟେ । ତେବେ ଏହି ଶିକ୍ଷା ସମଗ୍ର ସଂସାରରେ ପରିବ୍ୟାପ୍ତ ହେବା ଆବଶ୍ୟକ ।

ବେନିନ୍‌ର ପୂର୍ବ ବୈଦେଶିକ ମନ୍ତ୍ରୀ ତଥା ରାଷ୍ଟ୍ରପତିଙ୍କ ପରାମର୍ଶଦାତା ମରିୟମ୍ ବୋନି ଜୟାଲୁ ସାହେବା କୁହନ୍ତି- ଜଲସା ଯୋଗୁଁ ମୁଁ ଜମାଅତର ଗଭୀର ଅନୁଧ୍ୟାନ କରିବାର ସୁଯୋଗ ପାଇଲି । ଜଲସାର ବ୍ୟବସ୍ଥା ଦେଖି ମୁଁ ଅତ୍ୟନ୍ତ ପ୍ରଭାବିତ ହେଲି । ସେବକମାନଙ୍କ ବ୍ୟବସ୍ଥାମୂଳକ ସ୍ତର ବେଶ୍ ଉର୍ଦ୍ଧ୍ୱରେ ଥିଲା ଏବଂ ସେମାନଙ୍କ ନିଷ୍ଠା ଦେଖି ମୁଁ ବ୍ୟବସ୍ଥା ଦିଗର ପ୍ରତ୍ୟେକ ଜିନିଷର ନିରୀକ୍ଷଣ କଲି କିନ୍ତୁ ଏଭଳି ବଡ଼ ଧରଣର ଆୟୋଜନରେ କୌଣସି ପ୍ରକାରର ତ୍ରୁଟି ଦେଖିବାକୁ ପାଇଲି ନାହିଁ । ସେ କହିଲେ ଯେତେବେଳେ ମୁଁ ସେବକମାନଙ୍କୁ ଦେଖେ ସେମାନଙ୍କ ମଧ୍ୟରୁ ଛୋଟ, ବଡ଼, ଯୁବକ, ଯୁବତୀ ପ୍ରତ୍ୟେକ ବର୍ଗର ଲୋକ ଅନ୍ୟକୁ ଆରାମ ପ୍ରଦାନ କରିବାକୁ ପ୍ରସ୍ତୁତ ଥିଲେ । ସେ ଆହୁରି କହିଲେ କି ଯେଉଁ ଇସଲାମ ଅହେମଦିମାନେ ଉପସ୍ଥାପନ କରୁଛନ୍ତି ତାହା ହିଁ ସଂସାରରକୁ ଶାନ୍ତି ପ୍ରଦାନ କରିବା ସହିତ ସଂସାରର ସମସ୍ୟାଗୁଡ଼ିକର ସମାଧାନ କରିପାରିବ । ସେ କହିଲେ ଇମାମ ଜମାଅତ ମହିଳାମାନଙ୍କୁ ଯେଉଁ ଉଦ୍‌ବୋଧନ ଦେଲେ ତାହା ମୋ ବିଚାର ଶକ୍ତି ଉପରେ ଗଭୀର ଛାପ ଛାଡ଼ିଛି । ଅନ୍ୟ ମୁସଲମାନ ଗୋଷ୍ଠୀଙ୍କ ମତରେ ମହିଳାଙ୍କ ସ୍ଥିତି ଗୋଟିଏ (ଚାକର) କ୍ରୀତଦାସଠାରୁ କିଛି କମ୍ ନୁହେଁ । କିନ୍ତୁ ଇମାମ ଜମାଅତ ମହିଳାମାନଙ୍କୁ ପ୍ରଶିକ୍ଷକ କହିଲେ । ସେମାନଙ୍କ କର୍ତବ୍ୟ ମଧ୍ୟରେ ଆସନ୍ତା ପିଢ଼ୀର ପ୍ରଶିକ୍ଷଣ ଓ ଶିକ୍ଷା ସାମିଲ ରହିଛି । ଯାହାକି ସଂସାରର ଭବିଷ୍ୟତ ଅଟେ । ଗୁଏଟେମାଲା ପାର୍ଲ୍ୟାମେଂଟ୍‌ର ଜଣେ ସାଂସାଦ ଏଲିନା କେଲିସ୍ ନିଜ ମତାମତ ପ୍ରକାଶ କରି କହିଲେ ମୋ ପାଇଁ ଜଲସାରେ ଯୋଗଦେବା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ ଓ ଅଦଭୂତପୂର୍ଣ୍ଣ ଅନୁଭୂତି ଥିଲା । ଇସଲାମ ଓ ଜମାଅତ ଅହେମଦିୟା ସମ୍ବନ୍ଧରେ ମୋର ମତ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି । ମିଡ଼ିୟା ଇସଲାମ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭୁଲ ଓ ଭୟଙ୍କର ତଥ୍ୟ ପ୍ରଚାର ପ୍ରସାର କରୁଅଛି କି ଇସଲାମ ଘୃଣା ଓ କଠୋରତାର ଶିକ୍ଷା ଦେଉଛି କିନ୍ତୁ ଆମ୍ଭଙ୍କୁ ଏହି ଜଲସାରେ ଇସଲାମର ପ୍ରକୃତ ଓ ଶାନ୍ତି ପ୍ରଦାନକାରୀ ଶିକ୍ଷାର ବାସ୍ତବିକ ରୂପ ଦେଖିବାର ସୁଯୋଗ ମିଳିଲା । ସେବକମାନେ ସହସ୍ର ଅତିଥିମାନଙ୍କ ସେବା କରିବା ଦୃଶ୍ୟ ରୋମାଂଚକର ଥିଲା । ସେ କୁହନ୍ତି ବର୍ତମାନ ମୁଁ ଇସଲାମର ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ଶିକ୍ଷାର ବିଚାରଧାରାକୁ ସାଥିରେ ଧରି ପ୍ରତ୍ୟାବର୍ତନ କରୁଅଛି ।

କୋଷ୍ଟାରିକା ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଶ୍ରୀ ଯିଉ ମାୟା ସାହେବ ଜଲସାରେ ଯୋଗ ଦେଇଥିଲେ । ସେ କହିଲେ ଜଲସାରେ ଯୋଗ ଦେଇ ମୁଁ ଇସଲାମର ନୂତନ ରୂପ ଦେଖିବାକୁ ପାଇଲି । ମୁସଲମାନମାନଙ୍କର ଏଭଳି ଜମାଅତ ଦେଖିଲି ଯେଉଁମାନଙ୍କ ମଧ୍ୟରେ ପାରସ୍ପରିକ ପ୍ରେମ ଓ ସଦ୍‌ଭାବନା ବାସ୍ତବରେ ଅତୁଳନୀୟ ଏବଂ ଯେ ନିଜ ବିଶ୍ୱାସକୁ ଅମଲରେ କରି ଦେଖାଇଥାନ୍ତି । ଏଠାରୁ ଫେରି ମୁଁ ନିଜ ବନ୍ଧୁ, ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇବି ଯେ, ଜମାଅତ ଅହେମଦିୟା ଇସଲାମର ପ୍ରକୃତ ଓ ସୁନ୍ଦର ଶିକ୍ଷାକୁ ନିଜ ବ୍ୟବହାରିକ ଜୀବନରେ ପରିଣତ କରି ଦେଖାଉଛନ୍ତି ତଥା ବାସ୍ତବରେ ନିଜ ଉଦ୍ଦେଶ୍ୟ ଅନୁଯାୟୀ କାର୍ଯ୍ୟରତ ଅଟନ୍ତି । ହଜୁର ଅନୁଓ୍ୱର ଅ.ବ କହିଲେ- **ଜଲସାକୁ ଆସୁଥିବା ଅତିଥିବୃନ୍ଦ ଏପରି ଆମ ପ୍ରଚାରର ମାଧ୍ୟମ ସାଜିଥାନ୍ତି ।**

ପୁଣି କୋଷ୍ଟାରିକାର ଜଣେ ସାଂସାଦଙ୍କ ପରାମର୍ଶଦାତା ଡ଼ଗଲସ୍ ମୋତି ରୋଶୋ ସାହେବ କହିଲେ ଜଲସାରେ ମୁଁ ଇମାମ ଜମାଅତଙ୍କର ବକ୍ତୃତା ଅତ୍ୟନ୍ତ ମନଧ୍ୟାନର ସହ ଶୁଣିଲି ତାଙ୍କର ଏହି ଉପଦେଶ ମୋତେ ଅତ୍ୟନ୍ତ ପ୍ରଭାବିତ କଲା କି ନିଜ ଶତ୍ରୁମାନଙ୍କୁ କ୍ଷମା ଦେଇ ସେମାନଙ୍କୁ ଦୁଆ ଦେଲେ ହୃଦୟ ସମସ୍ତ ପ୍ରକାରର ଦ୍ୱେଷରୁ ପବିତ୍ର ହୋଇଯାଇଥାଏ । ହଜୁର ଅନଓ୍ୱର ଅ.ବ କହିଲେ- ଏହା ସେହି ଶିକ୍ଷା ଯାହା କି ହଜରତ ମସିହ ମଉଦ ଆ.ସ ଆମକୁ ପ୍ରଦାନ କରିଛନ୍ତି ଏବଂ ସେ କହିଲେ ଏହା ହିଁ ବିଶ୍ୱରେ ଶାନ୍ତି ପ୍ରତିଷ୍ଠାର ମାଧ୍ୟମ ସାଜିପାରେ । ଉକ୍ତ ଅତିଥି ଜଣକ କହିଲେ ସେହି ବକ୍ତୃତା ଦ୍ୱାରା ମୋର ଅଧ୍ୟାତ୍ମିକ ଓ ବ୍ୟବହାରିକ କ୍ଷେତ୍ରରେ ଅନେକ ଉପକାର ସାଧିତ ହେଲା । ଇସଲାମର ପ୍ରକୃତ ଶିକ୍ଷା ଏବଂ ତଦନୁଯାୟୀ ଅମଲ କରିବାର ଦୃଶ୍ୟ ଏହି ଜଲସାରେ ଦେଖିବାକୁ ମିଳିଲା ।

ଜଣେ କୁରେଶିନ୍ ମହିଳା କେଟ୍ରିନା ସାଲିକ୍ ସାହେବା ଜଲସାରେ ଯୋଗ ଦେଇ କହିଲେ ମୁଁ ପ୍ରଥମେ ଚର୍ଚ୍ଚରେ ସେବିକା (ନନ୍) ଥିଲି । ବର୍ତମାନ ସତ୍ୟର ସନ୍ଧାନ କରୁଅଛି । ସେ କହିଲେ ଜଲସାର ପରିବେଶ ଓ ଏଠାରେ ଲଗାଯାଇଥିବା ପ୍ରଦର୍ଶନୀ ତଥା ଜମାଅତ ସମ୍ବନ୍ଧରେ ଅନ୍ୟାନ୍ୟ ଖବର ଜାଣିବା ପରେ ମୋର ବୁଦ୍ଧି ଉଜ୍ଜ୍ୱଳିତ ହୋଇଛି । ମନେହେଉଛି ମୋର ସତ୍‌ପଥ ପ୍ରାପ୍ତ କରିବାର ଯାତ୍ରା ଖୁବ୍ ଶିଘ୍ର ତାହାର ଲକ୍ଷ ସ୍ଥଳରେ ପହଂଚିଯିବ । ଇମାମ ଜମାଅତଙ୍କ ବକ୍ତୃତା ମୋତେ ଅତ୍ୟନ୍ତ ପ୍ରଭାବିତ କରିଛି ।

କୁରେସିଆରୁ ଗୋଟିଏ ଯୁଗଳ ଜଲସାରେ ଯୋଗଦେଇଥିଲେ । ସେମାନେ ଗତ ବର୍ଷ ମଧ୍ୟ (ଜଲସାରେ) ସାମିଲ ହୋଇଥିଲେ । ମୋ ସହ ସାକ୍ଷାତ କରି କହିଲେ ଗତ ବର୍ଷ ଆମେ ଏକ ସାଧାରଣ ମୁସଲମାନଙ୍କ ପରି ସାମିଲ୍ ହୋଇଥିଲୁ କିନ୍ତୁ ଚଳିତ ବର୍ଷ ଆମେ ଅହେମଦି ମୁସଲମାନ ଭାବରେ ସାମିଲ୍ ହୋଇଛୁ ।

ହଜୁର ଅନଓ୍ୱର ଅ.ବ ଅନେକ ସମ୍ମାନନୀୟ ଅତିଥିମାନଙ୍କ ମନ୍ତବ୍ୟ ଚର୍ଚ୍ଚା କରି କହିଲେ- ଅନ୍ୟମାନଙ୍କ ଉପରେ ଆମ ଜମାଅତର ଯେଭଳି ପ୍ରଭାବ ପଡୁଅଛି ତାହାକୁ ସାମାନ୍ୟ ଅବସ୍ଥାରେ ମଧ୍ୟ ପ୍ରତିଷ୍ଠିତ ରଖିବାକୁ ଚେଷ୍ଟା କରିବା ଉଚିତ୍ । ପ୍ରତ୍ୟେକ ଅହେମଦିଙ୍କର ଏହା ଏକ ବଡ଼ କର୍ତବ୍ୟ ଯାହାକୁ କେବଳ କିଛି ଦିନ ପାଇଁ ଲୋକ ଦେଖାଣିଆ କାର୍ଯ୍ୟ କରିବାର ନାହିଁ ବରଂ ସଦାସର୍ବଦା ପାଇଁ ଏହି ଉତମ ପ୍ରଭାବକୁ ବଜାୟ ରଖିବାର ଅଛି ।

ହଜୁର ଅନୁଓ୍ୱର ଅ.ବ କହିଲେ- ଏହା କିଛି ଅଣଅହେମଦିଙ୍କ ଅଭିବ୍ୟକ୍ତି ଥିଲା ଯାହାର ମୁଁ ଚର୍ଚ୍ଚା କଲି । ଦେଖ ଜଲସାରେ ଏପରି କେତେକ ମୁସଲମାନ ମଧ୍ୟ ସାମିଲ୍ ଥିଲେ ଯେ ପ୍ରସାଶନିକ ମୁଖ୍ୟ କିମ୍ବା ସେମାନଙ୍କ ପ୍ରତିନିଧି

ଥିଲେ । ସେମାନଙ୍କ ମଧ୍ୟରୁ ଜଣେ ଦୁଇ ଜଣଙ୍କର ମନ୍ତବ୍ୟର ମଧ୍ୟ ଚର୍ଚ୍ଚା କରିଦେଉଛି ।

ହାଜି ମହମ୍ମଦ ସଲିମ୍ ସାହେବ ଯେ କି ଗିନିକନାକରିର ଉପ ରାଷ୍ଟ୍ରପତି ଦାୟିତ୍ୱରେ ଅଛନ୍ତି । ସେ କହିଲେ ମୋତେ ହଜ୍ କରିବାର ସୁଯୋଗ ମିଳିଲା ଏବଂ ମୁଁ ଅନେକ ଇସଲାମୀ ଦେଶର ଧାର୍ମିକ କାର୍ଯ୍ୟକ୍ରମରେ ମଧ୍ୟ ସାମିଲ୍ ହୋଇଛି କିନ୍ତୁ ଏଭଳି ଉତମ ଓ ପ୍ରଶଂସନୀୟ ବ୍ୟବସ୍ଥା କେଉଁଠାରେ ହେଲେ ଦେଖି ନାହିଁ । ପ୍ରକୃତରେ ଏହା ହିଁ ଇସଲାମର ଆତ୍ମା ଅଟେ, ଯାହାକି ଆମକୁ ଏଠାରେ ଦେଖିବାକୁ ମିଳିଲା । ଆପଣମାନେ ନିଜ କାର୍ଯ୍ୟରେ ସବୁଠାରୁ ଆଗରେ ଅଛନ୍ତି ଏବଂ ଆପଣମାନେ ହିଁ ସତ୍‌ପଥଗାମୀ ଅଟନ୍ତି । ସେ ଆହୁରି କହିଲେ କି ମୋର ବିଶ୍ୱାସ ଆପଣମାନଙ୍କ ପଛରେ ଈଶ୍ୱରଙ୍କର (ସାହାଯ୍ୟର) ହାତ ରହିଛି ।

ସେରୋଲିଓନ୍‌ର ଜଣେ ସାଂସାଦ ଶ୍ରୀମାନ ଅଲ୍ଲୀ କଲାକୋ ସାହେବ କହିଲେ- ଅହେମଦିୟତ୍ ହିଁ ଇସଲମର ବାସ୍ତବିକ ରୂପ ଅଟେ । ଅହେମଦି ମୁସଲମାନ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଯେଉଁ ପ୍ରୟାସ କରୁଛନ୍ତି ତାହା ପ୍ରଶଂସା ଯୋଗ୍ୟ ଅଟେ । ଆଜିକାଲି ପ୍ରତ୍ୟେକ ସ୍ଥାନରେ ଇସଲାମକୁ ସଂତ୍ରାସବାସ ସହ ଯୋଡ଼ା ଯାଉଛି କିନ୍ତୁ ଅହେମଦିମାନେ ଏହି ଧାରଣାକୁ ଅନୁଚିତ୍ ପ୍ରମାଣିତ କରୁଛନ୍ତି । ଜଲସାର ବ୍ୟବସ୍ଥା ଅତ୍ୟନ୍ତ ଉତମ ଥିଲା । ଛୋଟ ଛୋଟ ପିଲାମାନେ ସେବା କାର୍ଯ୍ୟରେ ବ୍ୟସ୍ତ ଥିଲେ, ଏହି ଦୃଶ୍ୟ ଆତ୍ମସ୍ପର୍ଷକ ଥିଲା । ମୋ ମତରେ ଜମାଅତ ଅହେମଦିୟାର ସତ୍ୟତା ପ୍ରତିପାଦନ ନିମନ୍ତେ ଏହା ହିଁ ଯଥେଷ୍ଟ ।

ତୁର୍କମେନିସ୍ତାନର ଜଣେ ବନ୍ଧୁ ଅବଦୁର୍ ରଶିଦ୍ ସାହେବ କୁହନ୍ତି- ମୁଁ ଯେଉଁ ଦିନଠାରୁ ଲଣ୍ଡନ ଆସିଛି ପ୍ରେମ ଓ ଭଲପାଇବାର ବନ୍ଧନରେ ବାନ୍ଧି ହୋଇଯାଇଛି, ଯେପରି ମୁଁ ନିଜ ମାତା ପିତା ଓ ପରିବାର ସହ ରହିଛି । ଜଲସାରେ ଯୋଗ ଦେଇ ମୁଁ ଏକଥା ବୁଝିପାରିଛି ଯେ, ମୁଁ ନିଜର ସମ୍ପୂର୍ଣ୍ଣ ଜୀବନ ଅଲ୍ଲାହଙ୍କୁ ଖୋଜିବାରେ ବ୍ୟତୀତ କରିଛି କିନ୍ତୁ ଏଠାରେ ଆସି ହିଁ ମୁଁ ତାଙ୍କୁ ପାଇଲି । ଅଲ୍ଲାହଙ୍କ କୃପାରୁ ମୋତେ ଆଲମି ବୟତ୍ ପରି ଭବ୍ୟ ଆୟୋଜନରେ ସାମିଲ୍ ହୋଇ ବୟତ କରିବାର ସୌଭାଗ୍ୟ ଲାଭ ହେଲା ।

ହଜୁର ଅନୱର ଅ.ବ କହିଲେ- କିଛି ନୂତନ ବୟତକାରୀ ଯେତେବେଳେ ପ୍ରେମ, ଭଲପାଇବା ଓ ଭାତୃଭାବର ଦୃଶ୍ୟ ଦେଖନ୍ତି ସେତେବେଳେ ସେମାନଙ୍କ ବିଶ୍ୱାସରେ ଆହୁରି ଅଧିକ ଅଭିବୃଦ୍ଧି ଘଟିଥାଏ । ଜେମିକାରୁ ଆସିଥିବା ଜଣେ ନୂତନ ଅହେମଦି ମହିଳା ୱିନସନ୍ ୱିଲିୟମ୍ ସାହେବା କହିଲେ- ଜଲସାରେ ଖଲିଫାଙ୍କର ବକ୍ତୃତା ଓ ବିଶେଷ କରି ଆଲମି ବୟତ୍‌ର କାର୍ଯ୍ୟକ୍ରମ ଅତ୍ୟନ୍ତ ଭାବବିହ୍ୱଳ ଥିଲା । ଯେତେବେଳେ ମୁଁ ସେବକମାନଙ୍କୁ ନିଃଶ୍ୱାର୍ଥପର ସେବା କରିବାର ଦେଖିଲି ସେତେବେଳେ ମୋତେ ଆଭାଷ ହେଲା ଯେ, ଏହା ଏକ ଐଶ୍ୱରିକ (ଇଲାହି) ଜମାଅତ ଅଟେ ଏବଂ ଖଲିଫାଙ୍କ ସହିତ ସିଧାସଳଖ ଭାବରେ ଅଲ୍ଲାହଙ୍କ ସହାୟତା ଓ ସମର୍ଥନ ରହିଛି ।

ହଜୁର ଅନୱର ଅ.ବ କହିଲେ- ଆଲମି ବୟତ୍‌ର ମଧ୍ୟ ଅନ୍ୟମାନଙ୍କ ଉପରେ ପ୍ରଭାବ ପଡ଼ିଥାଏ । କୁରେଶିନ୍ ପାଲ୍ୟାମେଂଟ୍‌ର ସାଂସଦ ଜଲସାରେ ଯୋଗ ଦେଇଥିଲେ ସେ କହିଲେ ଆଲମି ବୟତ୍‌ର କାର୍ଯ୍ୟକ୍ରମ ମୋତେ ଅତ୍ୟନ୍ତ ପ୍ରଭାବିତ କରିଛି । ମୁଁ ଖ୍ରୀଷ୍ଟଧର୍ମର Faithly Confirmationର ଆୟୋଜନରେ ଅନେକ ଥର ଯୋଗ ଦେଇଛି କିନ୍ତୁ ଯେଉଁ ନିଷ୍ପାପର ଭାବନା ଓ ଧାର୍ମିକ ଆଜ୍ଞାପାଳନର ସଂଙ୍କଳ୍ପ ଜମାଅତ ଅହେମଦିୟାର ଆଲମି ବୟତ୍‌ରେ ଦେଖିବାକୁ ମିଳିଲା ତାହା ଏକ ଅଦଭୂତପୂର୍ଣ୍ଣ ତଥା ବିଚିତ୍ର ଅନୁଭବ ଥିଲା, ଯାହାକୁ ମୁଁ ଜୀବନ ସାରା ମନେରଖିବି ।

ହଜୁର ଅନୱର ଅ.ବ କହିଲେ- ଏଥିପ୍ରତି ପ୍ରେସ୍‌ର ମଧ୍ୟ ଧ୍ୟାନ ଆକର୍ଷିତ ହେଲା । ଜଲସାର ପରିବେଶରେ ପ୍ରଭାବିତ ହୋଇ ପ୍ରେସ୍ ମଧ୍ୟ ଅନେକ ଉଚିତ୍ ସମାଚାର ଦେବାକୁ ବାଧ୍ୟ ହେଲାଣି । ବୋଲିଓୟାର ଅନ୍ତର୍ଜାତିକ ନ୍ୟୁଜ୍ ଚ୍ୟାନେଲ୍‌ର ଜଣେ ସାମ୍ବାଦିକ ନିଜର ଅଭିବ୍ୟକ୍ତି ପ୍ରକାଶ କରି କହିଲେ ପ୍ରାଶ୍ଚାତ୍ୟ ଦେଶଙ୍କ କହିବା ଅନୁସାରେ ଇସଲାମ ମହିଳାମାନଙ୍କୁ ପଛରେ ରଖିଛି ଏବଂ ସେମାନଙ୍କୁ କୌଣସି ଗୁରୁତ୍ୱ ଦେଇନଥାଏ । କିନ୍ତୁ ମୁଁ ଏଠାରେ ଜମାଅତ ଅହେମଦିୟାର ଇମାମଙ୍କୁ ପାଠ ପଢାରେ ବିଶେଷ ସ୍ଥାନ ଅଧିକାର କରିଥିବା ମହିଳାମାନଙ୍କୁ ପୁରସ୍କାର ପ୍ରଦାନ କରିବାର ଦେଖିବାକୁ ପାଇଲି । ପ୍ରତ୍ୟେକ ମହିଳାମାନଙ୍କୁ ସେମାନଙ୍କ ଭିନ୍ନ ନାମ ନେଇ ଡ଼କା ଯିବାର ଦେଖିଲି । ସୁତରାଂ ମୋ ହୃଦୟରେ ଇଚ୍ଛା ଉତ୍ପନ୍ନ ହେଲା କି ମୁଁ ଏଠାରୁ ଫେରିବା ପରେ ନିଜ ଖବରକାଗଜରେ ଏଥିସମ୍ବନ୍ଧରେ ନିଶ୍ଚୟ ଲେଖିବି । କ'ଣ କଦାଚିତ୍ ସଂସାରରେ କୌଣସି ଧାର୍ମିକ ମୁଖ୍ୟ କେବଳ ମହିଳାମାନଙ୍କୁ ସମ୍ବୋଧନ କରି ଏପରି ଉଦବୋଧନ ଦେଇଛନ୍ତି, କଦାପି ନୁହେଁ ।

ବୋଲିଓ୍ୱିୟାରୁ ଜଣେ ପତ୍ରକାର ଶ୍ରୀମାନ କାରଲୋସ୍ ଜମି ରୟାସ୍ ସାହେବ କହିଲେ ଅହେମଦି ଜମାଅତର ଏହି କଥା ମୋତେ ସବୁଠାରୁ ଅଧିକ ପ୍ରଭାବିତ କଲା ଯେ, ଜମାଅତ ଅହେମଦିୟା ମଧ୍ୟରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ଅତ୍ୟନ୍ତ ଉତ୍ସାହ ଓ ପ୍ରଚେଷ୍ଟା ରହିଛି । ଏହା ଏକ ଏପରି ସନ୍ଦେଶ ଯାହାକି ଆଜିର ସମୟ ପାଇଁ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଓ ଆବଶ୍ୟକ ଅଟେ ।

ହଜୁର ଅନୱର ଅ.ବ କହିଲେ- ତେବେ ସେ ଯାହା ହେଉ ଜଲସାର ପରିବେଶ ଓ ସେବକମାନଙ୍କର ଏକ ପ୍ରଭାବ ରହିଛି, ଯାହା ପ୍ରତ୍ୟେକ ନ୍ୟାୟବନ୍ତଙ୍କୁ ପ୍ରଭାବିତ କରିଥାଏ । ଅଲ୍ଲାହତାଲା ପ୍ରତ୍ୟେକ ସେବାକାରୀଙ୍କୁ ଉତମ ଫଳ ପ୍ରଦାନ କରନ୍ତୁ ଏବଂ ଜଲସାରେ ଯୋଗଦାନକାରୀମାନଙ୍କୁ ମଧ୍ୟ ଯେ ଇସଲାମର ଏହି ନିରବ ଅମଳକରିବାର ପ୍ରଚାରରେ ଭାଗ ନେଇଛନ୍ତି, ସୁଫଳ ପ୍ରଦନ କରନ୍ତୁ ।

ହଜୁର ଅନୱର ଅ.ବ କହିଲେ- ପ୍ରେସ ମଧ୍ୟ ବେଶ୍ ଭଲ କଭରେଜ୍ ଦେଲା । ମିଡ଼ିୟା ଦ୍ୱାରା ଜଲସା ସମ୍ବନ୍ଧରେ ୩୫୮ ଖବର ପ୍ରସାରିତ ହେଲା ଏବଂ ସେଥିରେ ଆହୁରି ଅଧିକ ବୃଦ୍ଧି ହେଉଅଛି । ଗୋଟିଏ ସୀମିତ ଆନୁମାନିକ ହିସାବରେ ୧୨୮ ମିଲିୟନ୍‌ରୁ ଅଧିକ ଲୋକମାନଙ୍କ ନିକଟରେ ସନ୍ଦେଶ ପହଂଚିଲା । ଆଫ୍ରିକାରେ ମଧ୍ୟ ବାର୍ଷିକ ଧର୍ମ ସମ୍ମିଳନୀର କଭରେଜ୍ ହୋଇଥିଲା । ଆଫ୍ରିକାରେ M.T.A ଆଫ୍ରିକା ବ୍ୟତୀତ ଦଶ ଗୋଟି ଅନ୍ୟ ଚ୍ୟାନେଲ୍‌ରେ ଜଲସାର କାର୍ଯ୍ୟକ୍ରମ ପ୍ରସାରିତ କରାଯାଇଥିଲା । ଯେଉଁଥିରେ ବିଭିନ୍ନ ଦେଶରେ ୧୫୦ରୁ ଅଧିକ ଘଂଟା ପର୍ଯ୍ୟନ୍ତ କଭରେଜ୍ ହୋଇଥିଲା ।

ଅଲ୍ଲାହ କରନ୍ତୁ କି ଆମେ ନିଜ କର୍ତବ୍ୟ ସର୍ବଦା ସଠିକ୍ ରୂପେ ସମ୍ପାଦନ କରୁ ଏବଂ ଅଲ୍ଲାହଙ୍କ କୃପା ଆକର୍ଷିତ କରିବା ନିମନ୍ତେ ସର୍ବଦା ଧର୍ମକୁ ସଂସାର ଉପରେ ପ୍ରାଥମିକତା ଦେଇ ନିଜର କର୍ତବ୍ୟ ସମ୍ପାଦନ କରୁ ।

ଖୁତବା ଜୁମାର ଶେଷରେ ହଜୁର ଅନୱର ଅ.ବ ତିନି ଜଣ ମୃତକଙ୍କ ନମାଜ ଜନାଯାହ ଗାଏବ ପାଠ କରିବାର ଘୋଷଣା କଲେ । ପ୍ରଥମ ରାଜଜେମା ଶ୍ରୀମତି ଜକିୟା ବେଗମ୍ ସାହେବା ପତ୍ନୀ ଶ୍ରୀମାନ କର୍ଣ୍ଣଲ୍ ମିର୍ଜା ଦାଉଦ ଅହେମଦ୍ ସାହେବ । ଯେ ହଜରତ ନୱାବ ଅମତୁଲ୍ ହଫିଜ୍ ବେଗମ୍ ସାହେବା ଓ ନୱାବ ଅବଦୁଲ୍ଲାହ ଖାଁ ସାହେବଙ୍କର କନ୍ୟା ଥିଲେ । ଦ୍ୱିତୀୟ ଜନାଯାହ ଶ୍ରୀମାନ ତାରିକ୍ ମସଉଦ୍ ସାହେବ ମୁରବୀ ସିଲସିଲା ନେଜାରତ୍ ଇସଲାହ୍ ଓ୍ୱ ଇରଶାଦ୍ ରବୱା ପିତା ଶ୍ରୀମାନ ମସଉଦ୍ ତାହେର୍ ସାହେବ । ତୃତୀୟ ଜନାଯାହ ଶ୍ରୀମାନ ଶକିଲ୍ ଅହେମଦ୍ ଅବସର ପ୍ରାପ୍ତ ମୁବଲିଗ୍ ଇନଚାରଜ୍ ଅଷ୍ଟ୍ରେଲିଆ ପିତା ଶ୍ରୀମାନ ହକିମ୍ ଖଲିଲ୍ ଅହେମଦ୍ ସାହେବ ମୁନ୍‌ଗେରୀଙ୍କର ଥିଲା ।

⌘⌘⌘⌘⌘⌘⌘⌘⌘⌘

# ଖୁତ୍‌ବା ଜୁମା

★ଆବଶ୍ୟକତା ରହିଛି କି ଆମେ ବୟତ କଲାପରେ ତାହାର ବ୍ୟାକ୍ଷା ଜାଣିବାକୁ ଚେଷ୍ଟା କରିବା ଏବଂ ବୟତର ପ୍ରତିଶ୍ରୁତିକୁ ସର୍ବଦା ନିଜ ସମ୍ମୁଖରେ ରଖିବା ।

★ଯେତେବେଳେ ନିରୀକ୍ଷଣ କରାଯାଇଥାଏ ସେତେବେଳେ ଆମର ଚିନ୍ତା ବଢିଯାଇଥାଏ କାରଣ ଆମ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଏପରି ରହିଛି ଯେ, ବୟତ କଲା ପରେ ମଧ୍ୟ ନିଜ ପ୍ରତିଜ୍ଞା ମୁତାବକ ଅମଳ କରିନଥାନ୍ତି ।

★ଯଦି ଉଭୟ ପକ୍ଷ ଜିଦ୍‌ଖୋର ଅଟନ୍ତି ତେବେ ଜମାଅତର ବ୍ୟବସ୍ଥା କିମ୍ବା କଜା କିମ୍ବା ଦେଶୀୟ ଅଦାଲତ ଆଦି ଯେଉଳି ନିଷ୍ପତି ଦିଅନ୍ତୁ ନା କାହିଁକି କଦାପି ମାମଲାର ସମାଧାନ ହୋଇନଥାଏ କିନ୍ତୁ ଯାହାର ଅଧିକାର ପାଇବା କଥା, ଯଦି ସେ ସେଥିରୁ ବଂଚିତ ରୁହେ ଓ ସେ ଉକ୍ତ ନିଷ୍ପତିକୁ ସ୍ୱୀକାର କରିନଥାଏ ଏବଂ ମୋତେ ପତ୍ର ଲେଖିଥାଏ କି ଆମ ଉପରେ ବହୁତ ବଡ଼ ଅତ୍ୟାଚାର ହୋଇଛି ଆପଣ ସ୍ୱୟଂ ମାମଲାର ଅନୁଧାନ କରନ୍ତୁ ସେତେବେଳେ ଏହି ଅଭିଯୋଗମାନ ଶେଷ ହୋଇନଥାଏ ।

★ଯଦି ଆମକୁ ଝଗଡ଼ାର ସୁନ୍ଦର ଭାବରେ ସମାଧାନ କରିବାର ଅଛି ତେବେ ଜିଦଖୋର ସ୍ୱଭାବକୁ ପରିତ୍ୟାଗ କରିବା ଆବଶ୍ୟକ ବରଂ କେତେକ ସମୟରେ ଝଗଡ଼ାର ଅନ୍ତ ନିମନ୍ତେ ଆମର ଅଧିକାର ଥିବା ସତ୍ୱେ ଅପର ପକ୍ଷକୁ ସୁବିଧା ଯୋଗାଇ ଦେବା ଉଚିତ୍ ।

★ଅଲ୍ଲାଃତାଲା ଯେ କି ସମସ୍ତ ଶକ୍ତିର ଅଧିକାରୀ ଯଦି ସେ ଆମକୁ ନିଜ ଦୋଷତ୍ରୁଟି ଯୋଗୁଁ ଧରିବା ଆରମ୍ଭ କରିଦିଅନ୍ତି ତେବେ ଜଣା ନାହିଁ ଆମ୍ଭର ଅବସ୍ଥା କ'ଣ ହେବ । ସୁତରାଂ ଆବଶ୍ୟକ କି ଆମେ ପାରସ୍ପରିକ ମାମଲାରେ ନମ୍ରତା ଓ ସରଳତା ପ୍ରଦର୍ଶନ କରିବା ଉଚିତ୍ । ଏହା ଏକ ମୂଳ ନିର୍ଦ୍ଦେଶ ଯାହାକି ଦୈନନ୍ଦିନ ତଥା କରଜ ଦେବା ନେବା ମାମଲାରେ ମଧ୍ୟ ସର୍ବଦା ଆମକୁ ମନେରଖିବା ଉଚିତ୍ ।

★ହଜରତ ମହମ୍ମଦ ସ.ଆ ମଧ୍ୟ ମୋମିନ୍‌ମାନଙ୍କର ଏଥିପ୍ରତି ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି କି ତୁମେମାନେ ସାଂସାରିକ ମାମଲାରେ ଦୟା ଓ ନମ୍ର ଆଚରଣ କର, ଅଲ୍ଲାଃ ଆକାଶରେ ତୁମ ସହ ଦୟା ଆଚରଣ କରିବେ । ନଚେତ୍ ସର୍ବଦା ମନେରଖ ଯେ ଆମର ମଧ୍ୟ ଦିନେ ନା ଦିନେ ହିସାବ ନିଆଯିବ । ଯଦି ଅଲ୍ଲାଃ କେବଳ ନ୍ୟାୟ ଆଚରଣ କରନ୍ତି ତେବେ କ୍ଷମା ଦେବା ଜଟିଳ ହୋଇଯିବ ।

★ଯଦି ପବିତ୍ର କୋରାନର ଏହି ସୁନ୍ଦର ନିର୍ଦ୍ଦେଶକୁ ଆମେ ମନେରଖିବା ଓ ହଜରତ ମହମ୍ମଦ ସ.ଆଙ୍କ ଉପଦେଶାବଳୀ ନିଜ ସମ୍ମୁଖରେ ରଖିବା ତେବେ ଶାନ୍ତି ପୂର୍ଣ୍ଣ ପରିବେଶର ପ୍ରତିଷ୍ଠା ହେବ । ଅଶାନ୍ତି ଓ ତିକ୍ତତା ବଢିବ ନାହିଁ ଏବଂ ନିଷ୍ପତି ଓ ସମାଧାନକାରୀ ଅନୁଷ୍ଠାନ ଏସବୁରୁ ମୁକ୍ତି ପାଇ କୌଣସି ନିର୍ମାଣ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବାରେ ସମୟ ଉପଯୋଗ କରିପାରିବେ ।

★ଯଦି କାଜି ଗୋଟିଏ ପକ୍ଷର ଅଧିକାର ମନେକରି ତାହା ପକ୍ଷେ ନିଷ୍ପତି ଦିଏ ତେବେ କଜା କିମ୍ବା କାଜି ଉପରେ ଅଭିଯୋଗ ଆଣିବା ଉଚିତ୍ ନୁହେଁ କେତେକ ଲୋକଙ୍କୁ ଅନ୍ୟ ଉପରେ ଲାଂଛନା ଲଗାଇବାର ଅଭ୍ୟାସ ପଡ଼ିଯାଇଥାଏ ।

★ମୋମିନମାନଙ୍କୁ ପରସ୍ପରର ଅଧିକାର ପ୍ରଦାନ କରିବାରେ ଆଗ୍ରହ ଓ ଫୁର୍ତ୍ତୀ ପ୍ରଦର୍ଶନ କରିବା ଉଚିତ୍ । ଅନେକ ମାମଲାରେ ଏପରି ଘଟିଥାଏ କି ଯେ ଅଧିକାର ପାଇବା ଯୋଗ୍ୟ ତାହାର ଆଚରଣ ନମ୍ର ଥାଏ କିନ୍ତୁ ଅପର ପକ୍ଷ କଠୋରତା ପ୍ରଦର୍ଶନ କରିବା ପରେ ମଧ୍ୟ ଅଭିଯୋଗ କରିଥାନ୍ତି କି ଆମ ସହ ନମ୍ର ଆଚରଣ କରାଗଲା ନାହିଁ ।

★ଅଲ୍ଲାଃତାଲା ଆମ୍ଭକୁ ନିଜ ଜୀବନରେ ଏକ ପ୍ରକୃତ ଓ ସ୍ୱାସ୍ଥ୍ୟକର ମୋମିନ୍ ପରି ରଙ୍ଗ ସୃଷ୍ଟି କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବାରେ ସଫଳ ହେଉ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୧ ଅଗଷ୍ଟ ୨୦୧୭ ଅନୁଯାୟୀ ୧୧ ଜହୁର୍ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ ـ بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ ـ اَلرَّحْمٰنِ الرَّحِيْمِ ـ مٰلِكِ يَوْمِ الدِّيْنِ ـ اِيَّاكَ نَعْبُدُ وَاِيَّاكَ نَسْتَعِيْنُ ـ
اِهْدِنَا الصِّرَاطَ الْمُسْتَقِيْمَ ـ صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ ـ

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହୁଜୁର ଅନଓ୍ୱର ଅ:ବ କହିଲେ- ପ୍ରତ୍ୟେକ ଅହେମଦି ଯେ, ହଜରତ ମସିହ ମଉଦ ଆ.ସଙ୍କ ବୟତରେ ସାମିଲ ରହିଛି, ସେ ଚାରିତ୍ରିକ, ଆଧାତ୍ମିକ ତଥା ବ୍ୟବହାରିକ କ୍ଷେତ୍ରରେ ଉନ୍ନତି କରିବାର ପ୍ରତିଜ୍ଞା କରିଥାଏ । ଏହି ଯୁଗରେ ଅଲ୍ଲାଃତାଲା ଆମକୁ M.T.A ପରି (ବିଶେଷ) ପୁରୁସ୍କାର ପ୍ରଦାନ କରିଛନ୍ତି । ଏହି M.T.A & Internet ମାଧ୍ୟମରେ ଲକ୍ଷାଧିକ ଲୋକ ଜମାଅତର ବିଭିନ୍ନ ବ୍ୟବସ୍ଥା ମୂଳକ ତଥା ଜଲସାର କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି । ଏପରି ଅବସ୍ଥାରେ କୌଣସି ଅହେମଦି ସେ ଜନ୍ମିତ (ଅହେମଦି) ହୁଅନ୍ତୁ ଅବା ସ୍ୱୟଂ ବୟତ କରିଥାନ୍ତୁ, କହିପାରିବ ନାହିଁ କି ମୋତେ ବୟତର ପ୍ରତିଜ୍ଞା ଜଣା ନାହିଁ ।

ସୁତରାଂ ଆବଶ୍ୟକତା ରହିଛି କି ଆମେ ବୟତ କଲାପରେ ତାହାର ବ୍ୟାକ୍ଷା ଜାଣିବାକୁ ଚେଷ୍ଟା କରିବା ଏବଂ ବୟତର ପ୍ରତିଶ୍ରୁତିକୁ ସର୍ବଦା ନିଜ ସମ୍ମୁଖରେ ରଖିବା । ଯଦି ଆମେ ବର୍ଣ୍ଣିତ ବୟତର ସର୍ତାବଳୀକୁ ଚାରିତ୍ରିକ ବିକାଶ ନିମନ୍ତେ ନିଜ ସମ୍ମୁଖରେ ରଖିବା ତେବେ ଆମର ଚାରିତ୍ରିକ, ପାରସ୍ପରିକ, ବ୍ୟବସାୟୀକ, ପାରିବାରିକ ଆଦି ସମସ୍ତ ପ୍ରକାର ମାମଲାରେ ଆଶାଠାରୁ ବଳି ଅଧିକ ଉନ୍ନତି ଓ ବିକାଶ ପରିଲକ୍ଷିତ ହେବ । କିନ୍ତୁ ଆମ୍ଭମାନଙ୍କ ମଧ୍ୟରୁ ଅନେକ ଏପରି ଅଛନ୍ତି ଯେ ଏହି ସ୍ତର ହାସଲ କରିବାରୁ ବହୁ ଦୂରରେ ରହିଛନ୍ତି । ଯାହାକି ହଜରତ ମସିହ ମଉଦ ଆ.ସ ଆମ ମଧ୍ୟରେ ଦେଖିବାକୁ ଚାହୁଥିଲେ । ଏଥିସମ୍ବନ୍ଧରେ ଆପଣ ଯେଉଁ ସର୍ତ ପ୍ରତି ଆମ୍ଭର ଧ୍ୟାନ ଆକର୍ଷିତ କରିଛନ୍ତି ସେଥର ମଧ୍ୟରୁ କିଛି ଏପରି ଅଟେ କି ମୁଁ ମିଛ କହିବି ନାହିଁ ଅନ୍ୟ ଉପରେ ଅତ୍ୟାଚାର ତଥା ଅନ୍ୟର ଧନ ଆତ୍ମସାତ କରିବାରୁ ନିବୃତ ରହିବି । ଶାରୀରିକ ଉତେଜନାରେ କବଳିତ ହେବା ନାହିଁ । ସର୍ବସାଧାରଣ ତଥା ବିଶେଷ କରି ମୁସଲମାନମାନଙ୍କ ପାଇଁ ଅଭ୍ୟନ୍ତରୀଣ ଉତେଜନା

ଯୋଗୁଁ ନିଜ ହାତ କିମ୍ବା ତୁଣ୍ଡ ମାଧ୍ୟମରେ କାହାରିକୁ କଷ୍ଟ ଦେବି ନାହିଁ । ଗର୍ବ କରିବି ନାହିଁ ବରଂ (ସର୍ବଦା) ନମ୍ର ଆଚରଣ କରିବି । ସର୍ବଦା ଉତମ ଆଚରଣ ଦ୍ୱାରା ଜୀବନ ଅତିବାହିତ କରିବି ଏବଂ ସାଧାରଣତଃ ମାନବ ଜାତିର କଲ୍ୟାଣ ନିମନ୍ତେ ଚେଷ୍ଟା କରିବି ।

ଯଦି ଆମେ ଏସବୁ ଆଦେଶ ପ୍ରତି ଧ୍ୟାନ ଦେବା ତେବେ ଯେପରିକି ମୁଁ କହିଲି– ଆମର ଚାରିତ୍ରିକ ସ୍ତର ଉର୍ଦ୍ଧ୍ୱଗାମୀ ହେବ । କିନ୍ତୁ ଯେତେବେଳେ ନିରୀକ୍ଷଣ କରାଯାଇଥାଏ ସେତେବେଳେ ଆମର ଚିନ୍ତା ବଢିଯାଇଥାଏ କାରଣ ଆମ ମଧ୍ୟରୁ ଗୋଟିଏ ଗୋଷ୍ଠୀ ଏପରି ରହିଛି ଯେ, ବୟତ କଲା ପରେ ମଧ୍ୟ ନିଜ ପ୍ରତିଜ୍ଞା ମୁତାବକ ଅମଳ କରିନଥାନ୍ତି । ଯେପର୍ଯ୍ୟନ୍ତ ଆମେ ବ୍ୟକ୍ତିଗତ ଭାବରେ ଏପରି ପରିସ୍ଥିତିର ସାମନା କରି ନାହେଁ । ଯେଉଁଠାରେ ଆମେ ନିଜର ଅଧିକାରର ବଳି ଦେଇ କିମ୍ବା ନିଜକୁ କଷ୍ଟ ଦେଇ ଉତମ ଆଚରଣ ପ୍ରଦର୍ଶନ କରି ନାହେଁ ଯେପରିକି ଆମେ ଘୋଷଣା କରିଥାଉ କି ଆମକୁ ଉତମ ଆଚରଣ ପ୍ରଦର୍ଶନ କରବା ଉଚିତ୍, ତେବେ ଏହା ଏକ ବଡ଼ ଅତ୍ୟାଚାର ଅଟେ । କିନ୍ତୁ ଯେତେବେଳେ ଆମେ ସିଧାସଳଖ ଭାବରେ ଏଭଳି ପରିସ୍ଥିତିର ସମ୍ମୁଖୀନ ହେଉ ସେତେବେଳେ ଆମ୍ଭମାନଙ୍କ ମଧ୍ୟରୁ ଅଧିକାଂଶ ଏହି ଶିକ୍ଷାକୁ ଭୁଲିଯାଇଥାନ୍ତି । ଯେତେବେଳେ କଜା (ଇସଲାମୀୟ ଅଦାଲତ)ର କିଛି ମାମଲା ମୋ ନିକଟକୁ ଆସେ ସେତେବେଳେ ସତ ମିଛକୁ ପୃଥକ କରିବା, ଅଧିକାର ପାଇବା ଯୋଗ୍ୟ ପ୍ରାର୍ଥୀର ଅଧିକାର ଫେରାଇବା ପରିବର୍ତେ ଲୋକେ ଜିଦି ଓ ହଟ କରି ବସିଥାନ୍ତି । ସୁତରାଂ ଅହେମଦି ଓକିଲମାନଙ୍କୁ ଓ ଉଭୟ ପକ୍ଷକୁ ଆବଶ୍ୟକ କି ସେମାନେ ନିଜ ବୟତର ପ୍ରତିଜ୍ଞା ଓ ଅଲ୍ଲାଃତାଲାଙ୍କ ଭୟକୁ ନିଜ କାମନା ଉପରେ ପ୍ରାଥମିକତା ଦିଅନ୍ତୁ । ଏଭଳି ପରିସ୍ଥିତିରେ ଜଣେ ମୋମିନ୍‌ର କର୍ତବ୍ୟ ଯେ, ଝଗଡ଼ାକୁ ବଢାଇବା ଓ ନିଜ ଜିଦ୍‌ରେ ଅଟଳ ରହିବା ପରିବର୍ତେ ଅଲ୍ଲାଃତାଲାଙ୍କ ପ୍ରଶନ୍ନତା ଲାଭ କରିବା ପାଇଁ ଜମାଅତର ବ୍ୟବସ୍ଥା ଅବା କଜାରେ ନିଜ ମାମଲା ଅଣିବା ସହିତ ଚେଷ୍ଟା କରିବା ଉଚିତ୍ କି ଆମେ ସମସ୍ତେ ଭାଇଭାଇ ତେଣୁ ଆମେ ଏହି ଭୁଲ୍ ବୁଝାବଣା ଓ ବୈଦ୍ଧ ଅବୈଦ୍ଧ ଅଭିଯୋଗକୁ ଦୂର କରି ପାରସ୍ପରିକ ପ୍ରେମ ଓ ଭଲପାଇବାକୁ ବଢାଇବା ।

ଯଦି ଉଭୟ ପକ୍ଷ ଜିଦ୍‌ଖୋର ଅଟନ୍ତି ତେବେ ଜମାଅତର ବ୍ୟବସ୍ଥା କିମ୍ବା କଜା କିମ୍ବା ଦେଶୀୟ ଅଦାଲତ ଆଦି ଯେଭଳି ନିଷ୍ପତି ଦିଅନ୍ତୁ ନା କାହିଁକି କଦାପି ମାମଲାର ସମାଧାନ ହୋଇନଥାଏ କିନ୍ତୁ ଯାହାର ଅଧିକାର ପାଇବା କଥା, ଯଦି ସେ ସେଥିରୁ ବଂଚିତ ରୁହେ ଓ ସେ ଉକ୍ତ ନିଷ୍ପତିକୁ ସ୍ୱୀକାର କରିନଥାଏ ଏବଂ ମୋତେ ପତ୍ର ଲେଖିଥାଏ କି ଆମ ଉପରେ ବହୁତ ବଡ଼ ଅତ୍ୟାଚାର ହୋଇଛି ଆପଣ ସ୍ୱୟଂ ମାମଲାର ଅନୁଧ୍ୟାନ କରନ୍ତୁ ସେତେବେଳେ ଏହି ଅଭିଯୋଗମାନ ଶେଷ ହୋଇନଥାଏ ।

ସୁତରାଂ ଯଦି ଆମକୁ ଝଗଡ଼ାର ସୁନ୍ଦର ଭାବରେ ସମାଧାନ କରିବାର ଅଛି ତେବେ ଜିଦଖୋର ସ୍ୱଭାବକୁ ପରିତ୍ୟାଗ କରିବା ଆବଶ୍ୟକ ବରଂ କେତେକ ସମୟରେ ଝଗଡ଼ାର ଅନ୍ତ ନିମନ୍ତେ ଆମର ଅଧିକାର ଥିବା ସତ୍ୱେ ଅପର ପକ୍ଷକୁ ସୁବିଧା ଯୋଗାଇ ଦେବା ଉଚିତ୍ । ପୁଣି କେତେକ କ୍ଷେତ୍ରରେ ନିଜ ଅଧିକାର ଛାଡ଼ିବାକୁ ମଧ୍ୟ ହେବ । ଏଥି ସମ୍ବନ୍ଧରେ ଅଲ୍ଲାଃତାଲା ଆମକୁ କି ନିର୍ଦ୍ଦେଶ ଦେଇଛନ୍ତି, ଯେପରିକି ସେ କୁହନ୍ତି–**ୱ ଇନ୍ କାନା ଜୁଉସରତିନ୍ ଫନଜିରତୁନ୍ ଇଲା ମୟସରା ୱ ଇନ୍ ତସଦ୍ଦକୁ ଖୈରୁଲ୍ ଲକୁମ୍ ଇନ୍ କୁନ୍‌ତୁମ୍ ତାଲମୁନ୍** ଅର୍ଥାତ ଯଦି କୌଣସି ଋଣଗ୍ରହୀତା ଅଭାବଗ୍ରସ୍ତ ଥାଏ ତେବେ ସେ ସମର୍ଥ ହେବା ପର୍ଯ୍ୟନ୍ତ ତାହାକୁ ଅବସର ଦେବାକୁ ହେବ ଏବଂ ଯଦି ତୁମେମାନେ ଏହା ଜାଣିଥାଅ ତେବେ (ତାହାକୁ ମୂଳଧନ ମଧ୍ୟ) ଦାନ ସ୍ୱରୂପ ଛାଡ଼ିଦେବା ତୁମାନଙ୍କ ପକ୍ଷରେ ଏକ ମହତ୍ କାର୍ଯ୍ୟ ହେବ । ତୁମକୁ ଜାଣିବା ଉଚିତ୍ ଯେ, ତୁମେ ମଧ୍ୟ ଏପରି ପରିସ୍ଥିତିର ସମ୍ମୁଖୀନ ହୋଇପାର ଯେତେବେଳେ କି ତୁମେ ବିବସ ଓ ହସ୍ତଶୂନ୍ୟ ହୋଇଯାଇ ଥାଅ । ପୁଣି ସବୁଠାରୁ ବଳି ଅଲ୍ଲାଃତାଲା ଆମ୍ଭର ଅନେକ ମାମଲାରେ ସହଜ ଓ ସରଳ କରିଦେଇଥାନ୍ତି । ଅଲ୍ଲାଃତାଲା ଯେ କି ସମସ୍ତ ଶକ୍ତିର ଅଧିକାରୀ ଯଦି ସେ ଆମକୁ ନିଜ ଦୋଷତ୍ରୁଟି ଯୋଗୁଁ ଧରିବା ଆରମ୍ଭ କରିଦିଅନ୍ତି ତେବେ ଜଣା ନାହିଁ ଆମ୍ଭର ଅବସ୍ଥା କ'ଣ ହେବ । ସୁତରାଂ ଆବଶ୍ୟକ କି ଆମେ ପାରସ୍ପରିକ ମାମଲାରେ ନମ୍ରତା ଓ ସରଳତା ପ୍ରଦର୍ଶନ କରିବା ଉଚିତ୍ । ଏହା ଏକ ମୂଳ ନିର୍ଦ୍ଦେଶ ଯାହାକି ଦୈନନ୍ଦିନ ତଥା କରଜ ଦେବା ନେବା ମାମଲାରେ ମଧ୍ୟ ସର୍ବଦା ଆମକୁ ମନେରଖିବା ଉଚିତ୍ । ହଜରତ ମହମ୍ମଦ ସ.ଆ ମଧ୍ୟ ମୋମିନ୍‌ମାନଙ୍କର ଏଥିପ୍ରତି ବାରମ୍ବାର ଧ୍ୟାନ ଆକର୍ଷିତ କରିଛନ୍ତି କି ତୁମେମାନେ ସାଂସାରିକ ମାମଲାରେ ଦୟା ଓ ନମ୍ର ଆଚରଣ କର, ଅଲ୍ଲାଃ ଆକାଶରେ ତୁମ ସହ ଦୟା ଆଚରଣ କରିବେ । ନଚେତ୍ ସର୍ବଦା ମନେରଖ ଯେ ଆମର ମଧ୍ୟ ଦିନେ ନା ଦିନେ ହିସାବ ନିଆଯିବ । ଯଦି ଅଲ୍ଲାଃ କେବଳ ନ୍ୟାୟ ଆଚରଣ କରନ୍ତି ତେବେ କ୍ଷମା ଦେବା ଜଟିଳ ହୋଇଯିବ । ସୁତରାଂ ଅଲ୍ଲାଃଙ୍କ ଦୟା ଓ କ୍ଷମା ଆଚରଣକୁ ଆକର୍ଷିତ କରିବା ନିମନ୍ତେ ଆମ୍ଭକୁ ସାଂସାରିକ ମାମଲାରେ ପରସ୍ପର ସହ ନମ୍ର ଓ ଦୟା ଆଚରଣ କରିବା ଉଚିତ୍ ନା କି କଠୋରତା ପ୍ରଦର୍ଶନ କରିବା ଓ କେବଳ ନିଜ ଅଧିକାର ନେବା ଚିନ୍ତାରେ ରହିଥିବା ।

ଯଦି ପବିତ୍ର କୋରାନର ଏହି ସୁନ୍ଦର ନିର୍ଦ୍ଦେଶକୁ ଆମେ ମନେରଖିବା ଓ ହଜରତ ମହମ୍ମଦ ସ.ଆଙ୍କ ଉପଦେଶାବଳୀ ନିଜ ସମ୍ମୁଖରେ ରଖିବା ତେବେ ଶାନ୍ତି ପୂର୍ଣ୍ଣ ପରିବେଶର ପ୍ରତିଷ୍ଠା ହେବ । ଅଶାନ୍ତି ଓ ତିକ୍ତତା ବଢିବ ନାହିଁ ଏବଂ ନିଷ୍ପତି ଓ ସମାଧାନକାରୀ ଅନୁଷ୍ଠାନ ଏସବୁରୁ ମୁକ୍ତି ପାଇ କୌଣସି ନିର୍ମାଣ କାର୍ଯ୍ୟର ଯୋଜନା ପ୍ରସ୍ତୁତ କରିବାରେ ସମୟ ଉପଯୋଗ କରିପାରିବେ । ମୋର ସମୟ ମଧ୍ୟ ଏପରି ଅଯଥା କାର୍ଯ୍ୟରେ ବ୍ୟତୀତ ହେବାରୁ ବର୍ତିଯିବ କେତେକ ସମୟରେ ମାମଲାର ଅନୁଧ୍ୟାନ କରିବା ପରେ ମୁଁ ଉଭୟ ପକ୍ଷକୁ ଉତର ଦେଇଥାଏ କିନ୍ତୁ ଯଦି ସେମାନଙ୍କ ଇଚ୍ଛା ମୁତାବକ ଉତର ହୋଇନଥାଏ ତେବେ ସେମାନେ ନିଜ ଜିଦିରେ ଅଟଳ ରହିଥାନ୍ତି କି ଆମେ ହିଁ ଠିକ୍ ଅଛୁ ତେଣୁ ନିଷ୍ପତି ଆମ ସପକ୍ଷରେ ହେବା ଉଚିତ୍ ଏବଂ ଏଥିପାଇଁ ଆମେ କୌଣସି ପ୍ରକାରର ସୁବିଧା ବିରୋଧି ପକ୍ଷକୁ ପ୍ରଦାନ କରିବୁ ନାହିଁ । ମୁଁ ସେମାନଙ୍କୁ ସ୍ପଷ୍ଟ ଭାବରେ ଲେଖିବା ସତ୍ୱେ ଅତ୍ୟନ୍ତ କୃରତା ଅବଲମ୍ବନ କରି ସେମାନେ ତୃତୀୟ, ଚତୁର୍ଥ ମାସରେ ଯାଇ ମଧ୍ୟ ପୁର୍ନବାର ଲେଖିଥାନ୍ତି କି ଆମେ ମାମଲା ଲେଖିପଠାଇଥିଲୁ ଏବଂ ଆମେ ସତ୍ ମାର୍ଗରେ ଅଛୁ ତେଣୁ ପୁଣିଥରେ ମାମଲାର ଅନୁଧ୍ୟାନ କରି ଆମକୁ ଆମର ଅଧିକାର ପ୍ରଦାନ କରାଯାଉ ।

ହଜୁର ଅନୱର ଅ.ବ କହିଲେ– ଯଦି କାଜି ଗୋଟିଏ ପକ୍ଷର ଅଧିକାର ମନେକରି ତାହା ପକ୍ଷେ ନିଷ୍ପତି ଦିଏ ତେବେ କଜା କିମ୍ବା କାଜି ଉପରେ ଅଭିଯୋଗ ଆଣିବା ଉଚିତ୍ ନୁହେଁ କେତେକ ଲୋକଙ୍କୁ ଅନ୍ୟ ଉପରେ ଲାଂଛନା ଲଗାଇବାର ଅଭ୍ୟାସ ପଡ଼ିଯାଇଥାଏ । ଯଦି କୌଣସି ନିଷ୍ପତିରେ ସନ୍ଦେହ କିମ୍ବା ଦ୍ୱିତୀୟ ପକ୍ଷର ବିଚାର ଅନୁଯାୟୀ ସେଥିରେ କୌଣସି କଥା ଅସ୍ପଷ୍ଟ ରହିଥାଏ ତେବେ ଉକ୍ତ ବ୍ୟକ୍ତିର ଦରଖାସ୍ତକ୍ରମେ ମୁଁ କେତେକ ସମୟରେ ଫାଇଲ୍ ମଗାଇ ଦେଖିଥାଏ କିନ୍ତୁ ଅଧିକାଂଶ ସମୟରେ ଯାହା ନିଷ୍ପତି ଦିଆଯାଇଥାଏ ତାହା ହିଁ ସଠିକ୍ ହୋଇଥାଏ କେବଳ ମନ୍ଦ ଧାରଣା ଯୋଗୁଁ ଏସବୁ ଭ୍ରମ ଓ ସନ୍ଦେହ ହୃଦୟରେ ଉତ୍ପନ୍ନ ହୋଇଥାଏ । ସୁତରାଂ ମନ୍ଦ ଧାରଣାରୁ ନିବୃତ ରହିବା ଉଚିତ୍ କାରଣ ତାହା ଭୁଲ୍ ମାର୍ଗ ଉନ୍ମୁକ୍ତ କରିଦେଇଥାଏ । କଜାର ମାମଲା ଯେପରିକି ଅର୍ଥ ଦେବା ନେବାର ହେଉ ଅବା ବ୍ୟବସାୟୀକ ଅବା ପାରିବାରିକ ତଥା ହକ୍ ମେହେର୍ (ଦଇନ ମେହର) ପରିଶୋଧ କରିବା ହେଉ ଅବା ଜିନିଷ ପତ୍ର ଦେବା ନେବା ଅବା ସ୍ୱାମୀ ସ୍ତ୍ରୀଙ୍କ ଝଗଡ଼ା ହେଉ ପ୍ରତ୍ୟେକ ମାମଲା ସିଧାସଳଖ ଭାବରେ ଅବା କୌଣସି ମାଧ୍ୟମରେ ହେଉ ଦେବା ନେବା ଅର୍ଥାତ ଆର୍ଥିକ ମାମଲା (ମୂଳ ସୁତ୍ର) ସାବ୍ୟସ୍ତ ହୋଇଥାଏ । ସୁବିଧା ଓ ସରଳତା ପ୍ରଦାନ କରିବାର ନିୟମ ପ୍ରତ୍ୟେକ କ୍ଷେତ୍ରରେ କିଛି ସୀମା ପର୍ଯ୍ୟନ୍ତ ନିଶ୍ଚିତ ଚାଲିଥାଏ । ପାରିବାରିକ ମାମଲାରେ ନଗଦ ଅର୍ଥ ଦିଆନିଆ ହୋଇଥାନ୍ତି । ଯେପରି ହକ୍ ମେହେର୍ ପରିଶୋଧ କରିବା ଏହା ମଧ୍ୟ ଏକ କରଜ ଅଟେ, ଯାହା ପରିଶୋଧ କରିବା ସ୍ୱାମୀର କର୍ତବ୍ୟ । ସେହିପରି ସିଧାସଳଖ ଭାବରେ କୌଣସି କରଜ ଦିଆନିଆ ମାମଲାରେ ଯଦି କଜା ଅବସ୍ଥାର ଅନୁଧ୍ୟାନ କରି କିସ୍ତି ଆକାରରେ ପରିଶୋଧ କରିବାର ନିଷ୍ପତି ଦିଅନ୍ତି ତେବେ ଏଥିରେ ମଧ୍ୟ ଅପର ପକ୍ଷ ଆପତି

କରିଥାଏ । ଆମେ ଅହେମଦିମାନେ ଯେତେବେଳେ ସଂସାରବାସୀଙ୍କୁ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବା ସମ୍ବନ୍ଧରେ କହୁଅଛେ ସେତେବେଳେ ଆମ୍ଭକୁ ନିଜର ପ୍ରତ୍ୟେକ ମାମଲାରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ପ୍ରୟାସ କରିବା ଉଚିତ୍ ।

ହଜୁର ଅନଓ୍ଵର ଅ.ବ କହିଲେ- ମୋମିନମାନଙ୍କୁ ପରସ୍ପରର ଅଧିକାର ପ୍ରଦାନ କରିବାରେ ଆଗ୍ରହ ଓ ଫୁର୍ତ୍ତୀ ପ୍ରଦର୍ଶନ କରିବା ଉଚିତ୍ । ଅନେକ ମାମଲାରେ ଏପରି ଘଟିଥାଏ କି ଯେ ଅଧିକାର ପାଇବା ଯୋଗ୍ୟ ତାହାର ଆଚରଣ ନମ୍ର ଥାଏ କିନ୍ତୁ ଅପର ପକ୍ଷ କଠୋରତା ପ୍ରଦର୍ଶନ କରିବା ପରେ ମଧ ଅଭିଯୋଗ କରିଥାନ୍ତି କି ଆମ ସହ ନମ୍ର ଆଚରଣ କରାଗଲା ନାହିଁ । ଶାନ୍ତିପୂର୍ଣ୍ଣ ପରିବେଶ ପ୍ରତିଷ୍ଠା ସମ୍ବନ୍ଧରେ ହଜରତ ମହମ୍ମଦ ସ.ଆଙ୍କ ନିର୍ଦ୍ଦେଶର ଚର୍ଚ୍ଚା କରିଦେଉଛି । ଏକଦା ହଜୁର ସ.ଆ ଗୋଟିଏ ମାମଲାରେ ନମ୍ର ଆଚରଣକାରୀକୁ ଦୁଆ ଦେଇ କହିଲେ- ଅଲ୍ଲାଃତାଲା ସରଳତା ଉପୃର୍ଣ୍ଣକାରୀ ବ୍ୟକ୍ତି ଉପରେ ଦୟା କରନ୍ତୁ । ଯେତେବେଳେ ସେ କିଣାବିକା ଓ କରଜ ପରିଶୋଧ କରିବାକୁ ଇଚ୍ଛା କରେ । ପୁନଃ ଏଭଳି ବ୍ୟକ୍ତି ଯେ ଅନ୍ୟମାନଙ୍କ ପାଇଁ ସରଳତା ପ୍ରଦର୍ଶନ କରିଥାଏ ଏବଂ ଅନ୍ୟକୁ ଏଥିପ୍ରତି ପ୍ରୋତ୍ସାହିତ କରୁଥାଏ ତାହାକୁ ଆପଣ ସୁସମ୍ବାଦ ପ୍ରଦାନ କରି କହିଲେ- ଅଲ୍ଲାଃତାଲା ଜଣେ ବ୍ୟକ୍ତିକୁ ବୈକୁଣ୍ଠ ପ୍ରଦାନ କଲେ ଯେ କିଣାବିକା ଓ କରଜ ଦେବା ନେବା ସମୟେ ସରଳ ଓ ନମ୍ର ଆଚରଣ କରିଥାଏ । ଆଉ ଏକ ସ୍ଥାନରେ ଦରଜ ଅଛି ହଜୁର ସ.ଆ କୁହନ୍ତି ଯେଉଁ ବ୍ୟକ୍ତି ହସ୍ତଶୂନ୍ୟ (ଅଭାବୀ) ଓ କରଜଧାରୀକୁ କରଜ ପରିଶୋଧ କରିବାରେ ସମୟ ସୁଯୋଗ ପ୍ରଦାନ କରେ କିମ୍ବା କରଜ କ୍ଷମା କରିଦିଏ ତେବେ ଅନ୍ତିମ ଦିବସରେ ଯେତେବେଳେ ଅଲ୍ଲାଃଙ୍କ ଛାୟା ବ୍ୟତୀତ କୌଣସି ଛାୟା ନଥିବ ସେତେବେଳେ ଅଲ୍ଲାଃ ତାହାକୁ ନିଜ ବିରାଜିତ ସ୍ଥାନ ତଳେ ଛାଇ ପ୍ରଦାନ କରିବେ

ପୁନଶ୍ଚ ହଜୁର ସ.ଆ କୁହନ୍ତି ଜଣେ ବ୍ୟବସାୟୀ ଲୋକମାନଙ୍କୁ କରଜ ଦିଏ ଯଦି କୌଣସି ଅଭାବୀ ବ୍ୟକ୍ତିକୁ ଦେଖେ ସେତେବେଳେ ନିଜ କର୍ମଚାରୀମାନଙ୍କୁ କହେ କି ତାହାକୁ ଅଣଦେଖା କର ସମ୍ଭବତଃ ଅଲ୍ଲାଃ ଆମ୍ଭ ସହ ସମାନ ଆଚରଣ କରିବେ । ଅତଃ ତାହାର ଏହି ଆଚରଣ ଯୋଗୁଁ ଅଲ୍ଲାଃ ମଧ ତାହାର (ଦୋଷତ୍ରୁଟି)କୁ ଅଣଦେଖା କରିଦେଲେ । **ସୁତରାଂ ଯେଉଁମାନଙ୍କର ସାମର୍ଥ୍ୟ ରହିଛି ସେମାନଙ୍କୁ ଆବଶ୍ୟକ କି ଯେପର୍ଯ୍ୟନ୍ତ ସମ୍ଭବ ଲୋକମାନଙ୍କ ସହ କଳି ଝଗଡ଼ା ଓ ଅଦାଲତରେ ସମୟ ଓ ଅର୍ଥ ନଷ୍ଟ କରିବା ପରିବର୍ତ୍ତେ ସହଜ ସୁବିଧା ପ୍ରଦାନ କରିବା ଉଚିତ୍ । କିନ୍ତୁ ଇସଲାମ କେବଳ ଏତିକି କହିନଥାଏ କରଜଦାତା ଓ ଅଧିକାର ଗ୍ରହୀତା ସହଜ ସୁବିଧା ପ୍ରଦାନ କରନ୍ତୁ ବରଂ ଇସଲାମ ଏକ ଏପରି ପରିବେଶ ଉତ୍ପନ୍ନ କରିବାକୁ ଓ ପ୍ରତ୍ୟେକ ପକ୍ଷକୁ ତାହାର କର୍ତବ୍ୟ ପ୍ରତି ଧ୍ୟାନ ଆକର୍ଷିତ କରୁଅଛି ଯଦ୍ଵାରା ପରସ୍ପର ପ୍ରତି ଘୃଣା ଭାବନା ଦୂର ହୋଇ ଶାନ୍ତି ପ୍ରତିଷ୍ଠା ହୋଇଥାଏ** । ଏଥିପାଇଁ ଯେଉଁମାନେ ସତ୍ୟର ପ୍ରତିଷ୍ଠା ନିମନ୍ତେ ଦାୟିତ୍ଵ ବହନ କରୁଛନ୍ତି ସେମାନେ ସତର୍କ ରହିବା ଉଚିତ୍ । ହଜରତ ମସିହ ମଉଦ ଆ.ସଙ୍କ ବୟତର ସର୍ତାବଳୀ ମଧ୍ୟରୁ ଗୋଟିଏ ଏହା ଅଟେ କି ବିଭ୍ରାଟରୁ ରକ୍ଷା ପାଇବା ନିମନ୍ତେ ଚେଷ୍ଟା କରିବା । ଅତଏବ ହଜରତ ମହମ୍ମଦ ସ.ଆ ମଧ ଏଥିସମ୍ବନ୍ଧରେ ଉପଦେଶ ପ୍ରଦାନ କରିଛନ୍ତି । ଯେପରି ଆପଣ କୁହନ୍ତି- ଧନୀକ ଶ୍ରେଣୀର ଋଣ ପରିଶୋଧ କରିବାରେ ଟାଳିଚାଲିବା ମଧ ଅତ୍ୟାଚାର ଅଟେ । ଯଦି ତୁମକୁ ଏପରି କୌଣସି ଟାଳି ଚାଲିଥିବା ବ୍ୟକ୍ତିକୁ ଧରିବାକୁ କୁହାଯାଏ ତେବେ ଆବଶ୍ୟକ କି ତୁମେ ତାହାର ପଛରେ ପଡ଼ି ଅର୍ଥାତ ତାହାକୁ ବାଧ କରିବ ଯେପରି ସେ ଅନ୍ୟର ଅଧିକାର (ଋଣ) ପରିଶୋଧ କରିଦେବ । ଏଥିରେ କୌଣସି ପ୍ରକାରର ନମ୍ରତା କିମ୍ବା ସରଳତା ପ୍ରଦାନ କରିବାର ଆବଶ୍ୟକତା ନାହିଁ କାରଣ ତାହାର (ଋଣ ପରିଶୋଧ) କରିବାର ସାମର୍ଥ୍ୟ ରହିଛି । ହଜରତ ମହମ୍ମଦ ସ.ଆ ଏକ ସ୍ଥାନରେ କହିଛନ୍ତି- ଋଣ ପରିଶୋଧ କରିବାରେ ଟାଳୁଥିବା ବ୍ୟକ୍ତିର ମାନସମ୍ମାନ ହାନିହେବା ସହିତ ତାହାକୁ ଦଣ୍ଡ ଦେବା ମଧ ବୈଦ୍ଧ ଅଟେ । ଅତଃ ଜମାଅତ ବ୍ୟବସ୍ଥାର କର୍ତବ୍ୟ କି ସେ ଏଭଳି ଅନ୍ୟର ଅଧିକାର ଆତ୍ମସାତ କରୁଥିବା ବ୍ୟକ୍ତିକୁ ଦଣ୍ଡ ଦିଅନ୍ତୁ । ସୁତରାଂ ଯେତେବେଳେ କଜାର ନିର୍ଣ୍ଣୟ ଅନୁସାରେ ସହଯୋଗ କରୁନଥିବା ଓ ଅନ୍ୟର ଅଧିକାର ଆତ୍ମସାତକାରୀକୁ ଦଣ୍ଡ ମିଳିଥାଏ, ସେତେବେଳେ ସେମାନଙ୍କୁ ଚିତ୍କାର କରିବା ଉଚିତ୍ ନୁହେଁ କି ଆମ ସହ ନମ୍ର ଆଚରଣ କରାଗଲା ନାହିଁ । ଅଲ୍ଲାଃଙ୍କ ରସୁଲ ଜମାଅତର ବ୍ୟବସ୍ଥାକୁ ଦଣ୍ଡ ଦେବାର ଅଧିକାର ପ୍ରଦାନ କରିଛନ୍ତି । ଦେଶୀୟ କାନୁନ ବ୍ୟବସ୍ଥା ମଧ ଏପରି ବ୍ୟକ୍ତିଙ୍କୁ ଦଣ୍ଡ ବିଧାନ କରିଥାଏ । ହଜରତ ମହମ୍ମଦ ସ.ଆଙ୍କର ଆଉ ଏକ ଭୟଙ୍କର ଉପଦେଶ ରହିଛି କି ଯେଉଁ ବ୍ୟକ୍ତି (ଋଣ) ପରିଶୋଧ କରିବା ନିୟତରେ ଋଣ ନେଇଥାଏ, ଅଲ୍ଲାଃତାଲା ତାହାର ଋଣ ପରିଶୋଧ କରିଦେଇଥାନ୍ତି କିନ୍ତୁ ଯେ ଋଣ ଆତ୍ମସାତ କରିବା ନିୟତରେ ନେଇଥାଏ ଅଲ୍ଲାଃତାଲା ତାହାକୁ ନଷ୍ଟ କରିଦେବେ । ସୁତରାଂ ଯଦି ନିୟତ ପବିତ୍ର ଥାଏ ତେବେ ଅଲ୍ଲାଃତାଲା ସାଧନ ଯୋଗେଇ ଦେଇଥାନ୍ତି । ନଚେତ୍ କରଜଦାତାର ହୃଦୟରେ ଉଦାର ଭାବନା ସୃଷ୍ଟି କରିଦେଇଥାନ୍ତି । କିନ୍ତୁ ଯଦି ନିୟତ ହିଁ ପବିତ୍ର ନାହିଁ ତେବେ ଅଲ୍ଲାଃ ମଧ ତାହାକୁ ଦଣ୍ଡ ଦେଇଥାନ୍ତି । ହଜରତ ମହମ୍ମଦ ସ.ଆ ତ ଏଭଳି ବ୍ୟକ୍ତିର ଜନାଯାଃ ହିଁ ପଢାଇ ନଥାନ୍ତି, ଯାହାର କରଜ ପରିଶୋଧ କରିବାର ଥାଏ ଏବଂ ତାହାର ସମ୍ପତି ଓ ଉପସ୍ଥିତ ଧନରାଶୀ ଦ୍ଵାରା ଯଦି ଉକ୍ତ ଋଣ ପରିଶୋଧ ହୋଇନପାରେ । ହଜୁର ସ.ଆ ଋଣ ନେବାରୁ ରକ୍ଷାପାଇବା ନିମନ୍ତେ ଦୁଆ କରୁଥିଲେ । **ଆପଣ କରଜ ଓ କୁଫର୍ (ଅମାନ୍ୟ)କୁ ଗୋଟିଏ ଶ୍ରେଣୀର ଦର୍ଶାଇଛନ୍ତି** । ଅତଏବ ଜଣେ ସାହାବି ବର୍ଣ୍ଣନା କରିଛନ୍ତି କି ମୁଁ ହଜୁର ସ.ଆଙ୍କୁ ଏହା କହିବାର ଶୁଣିଲି ଯେ, ମୁଁ କୁଫର୍ (ଅମାନ୍ୟ) ଓ କରଜରୁ ଅଲ୍ଲାଃଙ୍କ ଶରଣ ଭିକ୍ଷା କରୁଅଛି । ଜଣେ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ! କରଜର ମାମଲା କୁଫର୍ ସହ ସମତୁଲ୍ୟ କରାଯିବ । ହଜୁର ସ.ଆ ଉତର ଦେଲେ ହଁ, ସୁତରାଂ ଜମାଅତର ସଦସ୍ୟମାନଙ୍କୁ ଏଥିପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ । କରଜ ପରିଶୋଧ କରିବାର ପ୍ରଥମ ଖଲିଫା ଏକ ସୁତ୍ର ବତାଇଛନ୍ତି କି ଯଦି ଋଣଧାରୀ ଏଥି ମୁତାବକ ଅମଲ କରେ ଯେପରି ଅନେକ ଲୋକ କରଜ ସମ୍ବନ୍ଧରେ ଲେଖିଥାନ୍ତି ସେମାନଙ୍କୁ ଏହି ସୁତ୍ରକୁ ଆପଣାଇବା ଉଚିତ୍ । ହଜୁର ର.ଆ କୁହନ୍ତି **ପ୍ରଥମତଃ** ଏପରି ବ୍ୟକ୍ତି ବହୁତ କ୍ଷମା ପ୍ରାର୍ଥନା କରିବା ଉଚିତ୍ **ଦ୍ଵିତୀୟରେ** ଅଯଥା ଖର୍ଚ୍ଚ କରିବାରୁ ନିବୃତ ରହିବା ଉଚିତ୍ । **ତୃତୀତରେ** ଯଦି ଗୋଟିଏ ପଇସା ମଧ ମିଳେ ତେବେ ତାହା କରଜଦାତାଙ୍କୁ ପ୍ରଦାନ କରିଦେବା ଉଚିତ୍ । ଅଧିକାଂଶ ଲୋକ କରଜ ଏଥିପାଇଁ ନେଇଥାନ୍ତି କି ସେମାନଙ୍କର ଅଯଥା ଖର୍ଚ୍ଚ ଓ କାମନା ଦିନକୁ ଦିନ ବଢିଚାଲିଥାଏ । କେତେକ ଲୋକ ଏମିତି ଆଗ୍ରହ ସହକାରେ କରଜ ନେଇଥାନ୍ତି ଏହା ମଧ ଅନାବଶ୍ୟକ ଅଟେ । ଯଦି ଜଣେ ଥରେ କରଜ ନେବା ଆରମ୍ଭ କରିଦିଏ ତେବେ ସେ ସେଥିରେ ବୁଡ଼ି ଚାଲିଥାଏ । ଅତଏବ ଏପ୍ରକାର ଅନାବଶ୍ୟକ ଖର୍ଚ୍ଚାନ୍ତରୁ ନିବୃତ ରହିବା ଉଚିତ୍ । ଏହିପରି ଅନେକ ଲୋକ ବ୍ୟବସାୟ ଆରମ୍ଭ କରିଥାନ୍ତି ଯାହାଙ୍କୁ ବ୍ୟବସାୟର କୌଣସି ଅଭିଜ୍ଞତା ନଥାଏ, ଯୁବାସ୍ଥାର ଉତେଜନାରେ ବ୍ୟବସାୟ କରିବା ନାମରେ ଲୋକଙ୍କଠାରୁ କରଜ ନେଇଥାନ୍ତି । କିନ୍ତୁ ଅନୁଭବ ନଥିବା ଯୋଗୁଁ କାରବାର ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥାଏ ଏବଂ ସେମାନେ ହସ୍ତଶୂନ୍ୟ ହୋଇଯାଇଥାନ୍ତି । ଏପରି କରଜଦାତାଙ୍କ ଅର୍ଥ ମଧ ବୁଡ଼ିଯାଇଥାଏ,ଏପରି ଲୋକମାନଙ୍କୁ ମଧ ସାବଧାନତା ଅବଲମ୍ବନ କରିବା ଉଚିତ୍ । କରଜଦାତା ପରବର୍ତୀ ସମୟରେ ଆପତି କରିବା ଓ ମକଦ୍ଦମା କରିବା ପରିବର୍ତ୍ତେ ଆରମ୍ଭରୁ ହିଁ ବୁଝିସୁଝି କରଜ ଦେବା ଉଚିତ୍ । ସେ ଯାହା ହେଉ ଆମ୍ଭକୁ ଏସବୁରୁ ନିବୃତ ରହିବା ଉଚିତ୍ ଯଦ୍ଵାରା ଏକ ଶାନ୍ତିପୂର୍ଣ୍ଣ ପରିବେଶ ଆମ ମଧ୍ୟରେ ସର୍ବଦା ସ୍ଥାପିତ ରହିବ ।

ଅଲ୍ଲାଃତାଲା ଆମ୍ଭକୁ ନିଜ ଜୀବନରେ ଏକ ପ୍ରକୃତ ଓ ସ୍ଵାସ୍ଥ୍ୟକର ମୋମିନ୍ ପରି ରଙ୍ଗ ସୃଷ୍ଟି କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମେ ଏକ ଶାନ୍ତିପୂର୍ଣ୍ଣ ସମାଜ ଗଠନ କରିବାରେ ସଫଳ ହେଉ । ହଜରତ ମସିହ ମଉଦ ଆ.ସ ଆମ୍ଭଠାରୁ ଯେଉଁ ଉଚ୍ଚ ଶିଷ୍ଟାଚାର ଓ ଚରିତ୍ରର ଉଚ୍ଚ ସ୍ତର ହାସଲ କରିବାର ଆଶା ବାନ୍ଧିଛନ୍ତି ଏବଂ ଯାହାର ଚର୍ଚ୍ଚା ପବିତ୍ର କୋରାନରେ ଦରଜ ରହିଛି ତଥା ହଜରତ ମହମ୍ମଦ ସ.ଆ ଆମର ଧ୍ୟାନ ଆକର୍ଷିତ କରିଛନ୍ତି, ତଦନୁଯାୟୀ ଆମେ ଅମଳ କରିଚାଲୁ ।

⌘⌘⌘⌘⌘⌘⌘⌘⌘⌘

## ତହ୍‌ରିକ ଜଦିଦ୍ ଚାନ୍ଦା ସମ୍ପୂର୍ଣ୍ଣ ରୂପେ ପଇଠ କରିବା ହେଉଛି ଏକ ଗୁରୁ ଦାୟିତ୍ୱ

ଯେପରି ଆପଣମାନେ ଜାଣିଛନ୍ତି ଯେ ତହ୍‌ରିକ୍ ଜଦିଦ୍‌ର ବର୍ଷ ୧ନଭେମ୍ବର ରୁ ଆରମ୍ଭ ହୋଇ ୩୧ଅକ୍ଟୋବର ରେ ଶେଷ ହୁଏ । ଏ ଦୃଷ୍ଟିକୋଣରୁ ଚଳିତ ବର୍ଷ ଶେଷ ହେବା ପାଇଁ ଏବେ ମାତ୍ର ଅଢ଼େଇମାସ ବାକି ଅଛି । ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅ କହୁଛନ୍ତି- ‘‘ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି ଯେ ସେହିସବୁ ୱାଦା (ପ୍ରତିଶୃତି) ଯାହା ଖୁଦାତାଲାଙ୍କ ପାଇଁ କରାଯାଏ, ସେ ବିଷୟରେ ପଚରାଯିବ ଅର୍ଥାତ୍ ସେ ବିଷୟରେ ହିସାବ ମଗାଯିବ । ସେ ବ୍ୟକ୍ତି ଯିଏ ୱାଦା କରିନାହିଁ ସେ ହେଉଛି ଦୁର୍ବଳ ଓ ଖୁଦାତାଲା ତାକୁ ନିଛ ଦୃଷ୍ଟିରେ ଦେଖିଥାଏ । କିନ୍ତୁ ଯିଏ ୱାଦା କରିଛି ଏବଂ ତାକୁ ପୁରା କରୁନାହିଁ ସେ ହେଉଛି ଦୋଷି ଓ ଖୁଦାତାଲା ତାକୁ ଦଣ୍ଡ ଦେବ । ତେଣୁ ଏହି ୱାଦା କରିବା ସାଧାରଣ କଥା ନୁହେଁ । ପ୍ରଥମତଃ ଦୁଃଖର ବିଷୟ ଯେ ଏତେବଡ଼ ମହାନ୍ କାର୍ଯ୍ୟ ପାଇଁ ଏତେ ସାଧାରଣ ତ୍ୟାଗ, ପୁଣି ଏହାଠାରୁ ଅଧିକ ଦୁଃଖର କଥା ଏହା ଯେ ୱାଦା ପୁରା କରିବା ପାଇଁ ବହୁତ କମ୍ ଧ୍ୟାନ ଦିଆଯାଉଛି’’ ।

**(ତହ୍‌ରିକେ ଜଦିଦ୍ ଏକ୍ ଇଲାହି ତହ୍‌ରିକ୍, ତୃତୀୟ ଖଣ୍ଡ, ପୃଷ୍ଠା-୧୫୦)**

ପୁଣି କହୁଛନ୍ତି ଯେ:- ‘‘ଯଦି ତୁମେ ଅହେମଦୀୟତ୍‌କୁ ନିଷ୍ଠତାର ସହିତ ଗ୍ରହଣ କରିଅଛ ତେବେ ହେ ପୁରୁଷମାନେ ! ଏବଂ ହେ ନାରୀଗଣ ! ତୁମ ଉପରେ ଏହା ଧାର୍ଯ୍ୟ ଅଟେ ଯେ ତହ୍‌ରିକ୍ ଜଦିଦ୍‌ର ଉଦ୍ଦେଶ୍ୟ ଲକ୍ଷ୍ୟକୁ ହାସଲ କରିବା ପାଇଁ ମୋତେ ସହଯୋଗ କର । ପୃଥିବୀ ଓ ଆକାଶର ଖୁଦା ସାକ୍ଷୀ ଅଛନ୍ତି ଯେ ଯାହା କିଛି ମୁଁ କହୁଅଛି ମୋ ନିଜ ପାଇଁ କହୁନାହିଁ । ଖୁଦାତାଲା ଏବଂ ଇସ୍‌ଲାମ୍ ନିମନ୍ତେ କହୁଅଛି । ରସୁଲୁଲ୍ଲାଃ ସ୍ୱଲଲ୍ଲାହୋ ଆଲୈହେ ୱସ୍‌ସଲ୍ଲମ୍‌ଙ୍କ ନିମନ୍ତେ କହୁଅଛି । ତୁମେ ଆଗକୁ ବଢ଼ ଏବଂ ନିଜର କାୟା ଓ ମନ ଓ ନିଜର ଧନକୁ ଖୁଦା ଏବଂ ତାର ରସୁଲ୍ ସ୍ୱଲଲ୍ଲାହୋ ଆଲୈହେ ୱସ୍‌ସଲ୍ଲମ୍ ଙ୍କ ନିମନ୍ତେ କୁର୍ବାନ୍ କରିଦିଅ । (କିତାବ୍ ପାଂଚ୍ ହଜାରୀ ମୁଜାହିଦିନ୍, ପୃଷ୍ଠା-୮)

ସମସ୍ତ ଜିଲ୍ଲାଇ ଅମୀର୍, ସ୍ଥାନୀୟ ଅମୀର୍, ସଦର ସାହାବାନ୍ ଏବଂ ଜିଲ୍ଲାଇ ଓ ସ୍ଥାନୀୟ ତହ୍‌ରିକ୍ ଜଦିଦ୍‌ର ସେକ୍ରେଟାରୀମାନଙ୍କୁ ନିବେଦନ କରାଯାଉଛି ଯେ ସେମାନେ ନିଜ ନିଜ ଜମାତ୍‌ର ସମସ୍ତ ବ୍ୟକ୍ତିମାନଙ୍କ ଠାରୁ ସେମାନେ କରିଥିବା ୱାଦାର ଶତ ପ୍ରତିଶତ ଆଦାୟ କରିବା ପାଇଁ ନିଜର ଚେଷ୍ଟାକୁ ତୀବ୍ର କରନ୍ତୁ । ଫଳତଃ ଜମାତ୍ ଅହେମଦୀୟା ଭାରତ ନିଜର ଗୌରବମୟ ପ୍ରତିଷ୍ଠାକୁ କାଏମ୍ ରଖି ଖଲିଫାଙ୍କ ନିକଟରୁ ମିଳିଥିବା ଚଳିତ ବର୍ଷର ଟାର୍ଗେଟ୍‌କୁ ପୁରା କରିପାରିବ ଏବଂ ଆମ୍ଭେ ପ୍ରିୟ ଆକାଙ୍କ ଗ୍ରହଣୀୟ ଦୁଆରୁ ଅଧିକରୁ ଅଧିକ ଭାଗ ପାଇବାର ଗୌରବ ହାସଲ କରିପାରିବା । ୱ ବିଲ୍ଲାହିଲ୍ ତୌଫିକ୍ ।

ଅଲ୍ଲାଃତାଲା ଜମାତ୍‌ର ସମସ୍ତ ବ୍ୟକ୍ତିଙ୍କୁ ନିଜର ଅସୀମ ଦୟା, କରୁଣା ଓ ବର୍‌କତ୍‌ର ଉତରାଧିକାରୀ ବନାନ୍ତୁ । ଆମିନ୍ ।

**(ୱକିଲୁଲ୍ ମାଲ୍ ତହ୍‌ରିକେ ଜଦିଦ୍ କାଦିଆନ୍)**

---

## ନଶରୋ ଇଶାଅତ୍‌ର D.T.P ସେଂଟର୍ ପାଇଁ ପ୍ରାର୍ଥିନୀ ଆବଶ୍ୟକ

ନଜାରତ୍ ନଶରୋ ଇଶାଅତ୍ ସଦର ଅଞ୍ଜୁମାନ୍ ଅହେମଦୀୟାର D.T.P ସେଂଟର୍‌ରେ ଜଣେ କମ୍ପ୍ୟୁଟର୍ ଅପରେଟର୍‌ର ଆବଶ୍ୟକ ଅଛି । ଲଜନା ମାନଙ୍କ ମଧ୍ୟରୁ ଅଭିଳାଷୀ ପ୍ରାର୍ଥିନୀ ନିଜର ଦରଖାସ୍ତ ନିଜର ସମସ୍ତ ଶିକ୍ଷାଗତ ସାର୍ଟିଫିକେଟ୍‌ର ନକଲ ଆଟେଷ୍ଟେଡ୍ ସହିତ ଆବେଦନ ଫର୍ମ ନଜାରତ୍ ଦିୱାନଙ୍କ ଠାରୁ ହାସଲ କରି ତାକୁ ସମ୍ପୂର୍ଣ୍ଣ କରିବା ପରେ ଅମୀର୍ ଜମାତ୍ / ସଦର୍ ଜମାତ୍ / ସଦର୍ ଲଜନା ଙ୍କ ଦ୍ୱାରା ତସ୍‌ଦିକ୍ (ପୁଷ୍ଟି) କରି ଦୁଇମାସ ଭିତରେ ପଠାନ୍ତୁ ।

୧.ପ୍ରାର୍ଥିନୀଙ୍କ ଶିକ୍ଷାଗତ ଯୋଗ୍ୟତା ଅତି କମ୍‌ରେ +୨ (ସେକେଣ୍ଡ୍ ଡିଭିଜନ୍) ହୋଇଥିବ । ହିନ୍ଦି, ଉର୍ଦ୍ଦୁ, ଆରବୀ, ଇଂରାଜୀ ଲେଖିବା ପଢ଼ିବା ଜାଣିଥିବେ ।

୨.ହିନ୍ଦି ଟାଇପିଂ ରେ ଦକ୍ଷତା ଥିବ । ଅତି କମ୍‌ରେ ଗୋଟିଏ ବର୍ଷର ଅଭିଜ୍ଞତା ଥିବ ୩.ହିନ୍ଦି ଟାଇପିଂ Key-Board ନଦେଖି କମ୍ପୋଜ୍ କରିପାରୁଥିବେ । ଘଂଟାକୁ ଅତି କମ୍‌ରେ ତିନିଶହ ଶବ୍ଦ ଟାଇପ୍ କରିପାରୁଥିବେ ୪.ହିନ୍ଦି ଟାଇପିଂ In-Design Software ର Chanakya Unicode font ରେ କରିବା ଜାଣିଥିବେ ୫.କମ୍ପ୍ୟୁଟର୍ ସାଇନ୍‌ସରେ ଡିପ୍ଲୋମା କରିଥିବେ ୬. In-Design, MS-word, In-Page ବିଷୟରେ Basic Knowledge ଥିବ ୭. ୱାକିଫେ ଜିନ୍ଦେଗି ଏବଂ ୱକ୍‌ଫେ ନୌ ତହ୍‌ରିକ୍‌ରେ ସାମିଲ୍ ହୋଇଥିବା ମେମ୍ବର୍ ନିଜର ହୱାଲା ମଞ୍ଜୁରୀ ୱକ୍‌ଫ ଏ ନୌ ଦରଖାସ୍ତରେ ଦରଜ କରନ୍ତୁ ୮. ଦରଖାସ୍ତରେ ନିଜର ବାପା / ସ୍ୱାମୀ / ଅଭିଭାବକ ଙ୍କ ତସ୍‌ଦିକ୍ ଦସ୍ତଖତ ମଧ୍ୟ କରାଇବେ ୯. ପ୍ରାର୍ଥିନୀଙ୍କୁ ଇଂଟର୍‌ଭିଉର ତାରିଖ ପରେ ଜଣାଇ ଦିଆଯିବ । ତତ୍ ସହିତ ଇଂଟର୍‌ଭିଉ ପାଇଁ କାଦିଆନ୍ ଆସିବାର ଯିବା ଆସିବା ଖର୍ଚ୍ଚ ନିଜେ ବହନ କରିବେ ୧୦.କାଦିଆନ୍‌ରେ ରହିବାର ବ୍ୟବସ୍ଥା ନିଜେ ବହନ କରିବେ ।

**(ନଜର୍ ଦିୱାନ ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍)**

---

*ପୃଷ୍ଠା-୧୨ ର ଅବଶିଷ୍ଟାଂଶ.......*

ଦୁଇମହଲା ବିଶିଷ୍ଟ ଯେଉଁଥିରେ ଗୋଟିଏ ବିରାଟ ହଲ୍ ଏବଂ ୧୪ ଟି ରୁମ୍ ଅଛି । ଏହି ୧୪ ଗୋଟି ଘରକୁ ଅଳ୍ପ କିଛି ପରିବର୍ତନ କରି ଶିକ୍ଷକମାନଙ୍କ ନିମନ୍ତେ ଫ୍ୟାମିଲି କ୍ୱାର୍ଟର୍‌ର ବ୍ୟବସ୍ଥା କରାଯାଇଛି । ଏବଂ ଦୁଇଟି ସିଙ୍ଗିଲ୍ ଆବାସସ୍ଥଳୀ ନିର୍ମାଣ କରାଯାଇଛି ।

ହଜୁର୍ ଅନୁୱର୍ ଅ:ବ:ଅ ସକାଳ ୧୦:୪୦ ରେ ରେଡ୍‌ଷ୍ଟେଡ୍ ସହର ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ୫୦ ମିନିଟ୍ ଯାତ୍ରା ପରେ ୧୧:୩୦ ସମୟରେ ହଜୁର୍‌ଙ୍କର ଜାମିଆ ଅହେମଦୀୟାରେ ଆଗମନ ହେଲା । ମୋକରମ୍ ସଂସାଦ ଅହେମଦ୍ କମର୍ ସାହେବ ପ୍ରିନ୍‌ସିପାଲ୍ ଜାମିୟା ଅହେମଦୀୟା ଜର୍ମାନୀ ଓ ମୋକରମ୍ ମୋବାରକ୍ ଅହେମଦ ତନୱିର ସାହେବ୍ ସଦର ତାଲିମ୍ କମିଟି ଶିକ୍ଷକ ଓ ଷ୍ଟାଫ୍‌ମାନଙ୍କ ସହିତ ହଜୁର୍ ଅନୁୱର୍‌ଙ୍କୁ ସ୍ୱାଗତ କଲେ ଏବଂ ହାତ ମିଳାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

ଆଜିର ଏହି ଉତ୍ସବରେ ଜାମିଆର ପ୍ରାଙ୍ଗଣରେ ଗୋଟିଏ ଟେଂଟ୍ ଲଗାଯାଇଥିଲା । ହଜୁର୍ ଅନୁୱର୍ ସେହି ଟେଂଟ୍ ଭିତରକୁ ପ୍ରବେଶ କଲେ । ଏହି ଉତ୍ସବରେ ଜାମିଆ ଅହେମଦୀୟା ଜର୍ମାନୀର ସମସ୍ତ ଶିକ୍ଷାର୍ଥୀ, ଶିକ୍ଷକମାନେ ଏବଂ ଅନ୍ୟାନ୍ୟ ଷ୍ଟାଫ୍ ମେମ୍ବର୍ ବ୍ୟତୀତ ନ୍ୟାସିନାଲ୍ ମଜଲିସ୍ ଆମ୍‌ଲା ଜମାତ ଜର୍ମାନୀର ମେମ୍ବର୍‌ମାନେ, ଜର୍ମାନୀରେ ସେବାରତ ସମସ୍ତ ମୋବୋଲିଗିନ୍ କରାମ୍ ଏବଂ ଆଜି ପ୍ରମାଣପତ୍ର ହାସଲ୍ କରିବାକୁ ଥିବା ମୁରବୀମାନଙ୍କର ବାପା ମା’ ମାନେ ଏବଂ ଅନ୍ୟାନ୍ୟ ଅତିଥିଗଣ ସାମିଲ୍ ହୋଇଥିଲେ ।

### ଜାମିଆ ଅହେମଦୀୟା ଜର୍ମାନୀର ପ୍ରମାଣପତ୍ର ବଂଟନ ଉତ୍ସବ

ଉତ୍ସବର ଆରମ୍ଭ, ପବିତ୍ର କୋରାନ୍‌ର ଆବୃତି ସହିତ ହେଲା । ଯାହାକୁ ଅଜିଜମ୍ ହାଫିଜ ଏହେତଶାମ୍ ଅହେମଦ୍ ସାହେବ୍ ପାଠ କଲେ । ଏବଂ ଏହାର ଉର୍ଦ୍ଦୁ ଅନୁବାଦ ଉପସ୍ଥାପନ ମଧ୍ୟ କଲେ । ଏହାପରେ ଅଜିଜନ୍ ମୁର୍‌ତଜା ମନାନ୍ ସାହେବ୍ (ପଂଚମଶ୍ରେଣୀ) ହଜ୍‌ରତ୍ ଖଲିଫତୁଲ୍ ମସିହ୍ ସାନି ର:ଅଙ୍କ ନଜମ୍ ନଉନେ ହାଲାନେ ଯମାତ୍ ‘ମୁଝେ କୁଛ୍ କେହ୍‌ନା ହେ’ ଅତି ସୁନ୍ଦର ସ୍ୱରରେ ପାଠ କଲେ । ଏହାପରେ ମୋକରମ୍ ମୋବାରକ୍ ଅହେମଦ୍ ତନୱିର୍ ସାହେବ ନିମ୍ନଲିଖିତ ରିପୋର୍ଟ ଉପସ୍ଥାପନ କଲେ । ଅଲ୍‌ହମ୍ ଦୋ ଲିଲାହା ଯାମିଆ ଅହେମଦୀୟା ଜର୍ମାନୀ ପାଇଁ ଆଜିର ଦିନଟି ବହୁତ ବାବରକତ୍ ଦିନ ଅଟେ । ଯେଉଁଥିରେ ଏହି ଅନୁଷ୍ଠାନ ନିଜର ପ୍ରିୟ ଆକାଙ୍କ ଦ୍ୱାରା ଲଗାଯାଇଥିବା ଏହି ବଗିଚାର ଦ୍ୱିତୀୟ ଫାଳ ହଜୁର୍ ଅନୁୱର୍‌ଙ୍କ ଗୋଚରେ ଉପସ୍ଥାପନ କରିବା ପାଇଁ ସୌଭାଗ୍ୟ ହାସଲ କରୁଅଛି । ଆଜି ଏହି ଅନୁଷ୍ଠାନରୁ ଶିକ୍ଷା ସମ୍ପୂର୍ଣ୍ଣ କରି ଉତୀର୍ଣ୍ଣ ହୋଇଥିବା ଦ୍ୱିତୀୟ ଶ୍ରେଣୀ ନିଜର ପ୍ରିୟ ଆକାଙ୍କ ପବିତ୍ର ହାତରୁ ପ୍ରମାଣପତ୍ର ନେବାର ଗୌରବ ହାସଲ କରବେ ।

ଆମର ପ୍ରିୟ ଆକା ନିଜର ଅଗଣତି କାର୍ଯ୍ୟ ଥିବା ସତ୍ୱେ ମଧ୍ୟ ଆଜି ସମୟ ବାହାର କରି ନିଜର ଦାସମାନଙ୍କୁ ସାନିଧ୍ୟ ପ୍ରଦାନ କଲେ । ସେଥିପାଇଁ ଆମେ ସମସ୍ତେ ନିଜ ଖୁଦାଙ୍କ ନିକଟରେ ନତମସ୍ତକ ହେଉଅଛୁ । ଏବ ପ୍ରିୟ ଆକାଙ୍କର ଏହି ସ୍ନେହ ଯୋଗୁଁ ହୃଦୟର ଅନ୍ତରରୁ ଧନ୍ୟବାଦ ଦେଉଅଛୁ ।

ସୟଦି ! ୨୦୦୯ ରେ ଜର୍ମାନୀ, ଫ୍ରାନ୍‌ସ, ସୁଇଜରଲ୍ୟାଣ୍ଡ୍ ଏବଂ ବୁଲ୍‌ଗେରିଆର ୨୩ ଜଣ ଶିକ୍ଷାର୍ଥୀ ଏହି ଅନୁଷ୍ଠାନରେ ଶିକ୍ଷା ଅର୍ଜନ କରିବାର ଯାତ୍ରା ଆରମ୍ଭ କଲେ । ଅଲ୍ଲାଃଙ୍କ ଦୟାରୁ ସେମାନଙ୍କ ମଧ୍ୟରୁ ୧୬ ଜଣ ଶିକ୍ଷାର୍ଥୀ ନିଜର ଶିକ୍ଷା ସମ୍ପୂର୍ଣ୍ଣ କରିଛନ୍ତି । ଏ ସମସ୍ତେ ୱକ୍‌ଫେ ନୌ ର ପବିତ୍ର ତହ୍‌ରିକ୍ ରେ ସାମିଲ୍ ଅଛନ୍ତି । ଅଲ୍ଲାଃଙ୍କ ଦୟାରୁ ଦୁଇବର୍ଷ ଭିତରେ ୩୨ ଜଣ ମୁରବୀ ଏହି ଅନୁଷ୍ଠାନ ନିଜ ପ୍ରିୟ ଆକାଙ୍କ ପବିତ୍ର ସେବାରେ ଉପସ୍ଥାପନ କରିବା ପାଇଁ ଗୌରବ ହାସଲ କରିଛି । ଅଲ୍ଲାଃତାଲାଙ୍କ ଦ୍ୱାରା ପ୍ରାପ୍ତ ସାମର୍ଥ୍ୟ ଅନୁସାରେ ଏବଂ ହଜୁର୍ ଅନୁୱର୍‌ଙ୍କ ମାର୍ଗଦର୍ଶନ ଦ୍ୱାରା ଏହି ସାତବର୍ଷ ସମୟ ଭିତରେ ଧାର୍ଯ୍ୟ କରାଯାଇଥିବା ପାଠ୍ୟକ୍ରମ ବ୍ୟତୀତ ଜ୍ଞାନବର୍ଦ୍ଧକ ପ୍ରତିଯୋଗିତା, ଖେଳ ପ୍ରତିଯୋଗିତା ଏବଂ ବିଭିନ୍ନ ପ୍ରକାରର ଲେକ୍‌ଚର୍ ଇତ୍ୟାଦି ଦ୍ୱାରା ଏହି ଶିକ୍ଷାର୍ଥୀମାନଙ୍କର ଜ୍ଞାନର ସାମର୍ଥ୍ୟକୁ ବଢ଼ାଇବା ପାଇଁ ଚେଷ୍ଟା କରାଯାଇଛି । ବିଭିନ୍ନ ଧର୍ମ ସମ୍ବନ୍ଧୀୟ ପାଠ୍ୟକ୍ରମ ବ୍ୟତୀତ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ ଧାର୍ମିକ ସେଂଟର୍‌ମାନଙ୍କ ପ୍ରେରଣ କରାଯାଇଥାଏ । ଯଦ୍ୱାରା ଶିକ୍ଷାର୍ଥୀମାନେ ପ୍ରତ୍ୟେକ୍ଷ ରୂପେ ସେମାନଙ୍କର ସିଷ୍ଟମ୍‌କୁ ବୁଝିନେବେ ଓ ପ୍ରତ୍ୟେକ୍ଷ ଜ୍ଞାନ ଆହରଣ କରିପାରିବେ । ଏହି ପରିପ୍ରେକ୍ଷୀରେ ଇସାଇ ଏବଂ ୟୁହୁଦୀମାନଙ୍କ ସେଂଟର୍‌କୁ ଗ୍ରସ୍ତ କରାଯାଇଥିଲା ।

ଅଲ୍ଲାଃତାଲାଙ୍କ ଦୟାରୁ ଜାମିଆର ଦେଶୀୟ ପ୍ରେସ୍ ସହିତ ମଧ୍ୟ ସମ୍ପର୍କ ଅଛି । ଏବଂ ସମୟେ ସମୟେ ଟି.ଭି, ରେଡ଼ିଓ ଓ ପ୍ରିଂଟ୍ ମିଡ଼ିଆରେ ରିପୋର୍ଟ ଆସୁଅଛି । ଏହି ପରିପ୍ରେକ୍ଷୀରେ ଏବେ ଏବେ ଜର୍ମାନୀର ବିଖ୍ୟାତ ଟି.ଭି ଚ୍ୟାନେଲ୍ ଜେଡ୍.ଡି.ଏସ୍ ନିଜର ଗୋଟିଏ ପ୍ରୋଗ୍ରାମ୍ ନିମନ୍ତେ ତିନୋଟି ବଡ଼ ଧର୍ମ (ଇସ୍‌ଲାମ୍, ୟୁହୁଦୀ ଏବଂ ଇସାଇ)ର ୱଲେମାମାନଙ୍କ ଦ୍ୱାରା ନିର୍ମାଣ କରାଯାଇଥିବା ଗୋଟଏି ଡକୁମେଂଟାରୀ ଚଳଚିତ୍ର ଉପସ୍ଥାପନ କରିଛି । ଯେଉଁଥିରେ ହଜୁର୍ ଅନୁୱର୍‌ଙ୍କ ଦ୍ୱାରା ତିଆରି

କରାଯାଇଥିବା ଏହି ବଗିଚାରୁ ମଧ୍ୟ ଇସଲାମ୍‌ର ପ୍ରତିନିଧିତ୍ୱ କରିବା ପାଇଁ ଜଣେ ଶିକ୍ଷାର୍ଥୀ ଅଜିଜନ୍ ସାଦିକ୍ ଅହେମଦ୍ ବଟ୍ ସାହେବ୍‌ଙ୍କୁ ଚୟନ କରାଯାଇଥିଲା । ଏହି ୪୫ ମିନିଟ୍ ବିଶିଷ୍ଟ ଡକୁମେଂଟାରିରେ ପାଖାପାଖି ତୃତୀୟ ଭାଗ ଜାମିଆ ଅହେମଦୀୟା ଜର୍ମାନୀର ଶିକ୍ଷାର୍ଥୀମାନଙ୍କ ବିଷୟରେ ଥିଲା । ଟି.ଭି ର ପ୍ରାବନ୍ଧକଙ୍କ ହିସାବରେ ୧୯ ଲକ୍ଷ୍ୟ ଦର୍ଶକ ଏହି ପ୍ରୋଗ୍ରାମ୍‌କୁ ଦେଖିଛନ୍ତି । ପୁଣି ଏହି ପ୍ରୋଗ୍ରାମ୍ ଆଉ ଗୋଟିଏ ଟି.ଭି ଚ୍ୟାନେଲ୍ ଥ୍ରୀସ୍ୟାଟ୍ ରେ ଗୋଟିଏ ସପ୍ତାହ ପରେ ପ୍ରସାରଣ କରାଗଲା ।

ଶିକ୍ଷାର୍ଥୀମାନେ ଶିକ୍ଷାଗ୍ରହଣ କରିବା ସହିତ କାର୍ଯ୍ୟ କରିବାର ଟ୍ରେନିଂ ନିମନ୍ତେ ଜର୍ମାନୀ ବ୍ୟତୀତ ଅନ୍ୟଦେଶମାନଙ୍କୁ ମଧ୍ୟ ଯାଇ ୱକ୍‌ଫେ ଆରଜି କରୁଛନ୍ତି । ସେହି ଦେଶଗୁଡିକ ହେଲା କବାବିର, ସ୍ୱିଡେନ୍ ଓ ୟୁ.କେ ଇତ୍ୟାଦି । ତତ୍ ସହିତ ଜର୍ମାନୀର ଟାଗଡର୍ ଅଫ୍‌ନେନ୍ ଟୁର୍ ଅବସରରେ ପବ୍ଲିକ୍ ବିଭାଗ ତରଫରୁ ପୁରା ଜର୍ମାନୀର ବିଭିନ୍ନ ଯମାତ୍‌ରେ ଡ୍ୟୁଟି ଦେଉଛନ୍ତି ।

ହଜୁର୍ ଅନୁୱର୍‌ଙ୍କ ନିର୍ଦ୍ଦେଶ ମୁତାବକ ପଂଚମ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କର ଜାମିଆ ଅହେମଦୀୟା ୟୁ.କେ ର ଶ୍ରେଣୀ ସହିତ ଦୁଇ ସପ୍ତାହ ପାଇଁ ଜ୍ଞାନର ଆଦାନ ପ୍ରଦାନ ପ୍ରୋଗ୍ରାମ୍ ମଧ୍ୟ ଜାରି ରହିଛି । ଯଦ୍ଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ହଜୁର୍ ଅନୁୱର୍‌ଙ୍କ ପବିତ୍ର ସାନିଧ୍ୟ ପାଇବା ବ୍ୟତୀତ ନିଜ ଭିତରେ ଆପୋଷ ପରିଚୟ ଓ ଜଣେ ଅନ୍ୟ ଜଣଙ୍କର ପରିବେଶକୁ ଦେଖିବା ଓ ବୁଝିବା ପାଇଁ ମଉକା ମିଳୁଛି ।

ଅନ୍ୟ ଜାମିଆର ଶିକ୍ଷାର୍ଥୀମାନଙ୍କ ପରି ଜାମିଆ ଅହେମଦିଆ ଜର୍ମାନୀର ଶିକ୍ଷାର୍ଥୀମାନଙ୍କୁ ମଧ୍ୟ ଅଲ୍ଲାଃଙ୍କ ଦୟାରୁ ଏମ୍.ଟି.ଏ ପ୍ରୋଗ୍ରାମ୍‌ରେ ଭାଗନେବା ସହିତ ଆଉ କିଛି ପ୍ରୋଗ୍ରାମ୍ ପରିଚାଳନା କରିବା ଓ ସାହାଯ୍ୟ କରିବାର ସୁଯୋଗ ମଧ୍ୟ ମିଳୁଛି ।

ପାଠ୍ୟକ୍ରମ ବ୍ୟତୀତ ଜାମିଆର ଏହି ସହରର ବିଭିନ୍ନ ବ୍ୟବସ୍ଥାପକ ସଂସ୍ଥା ସହିତ ମଧ୍ୟ ଉତମ ସମ୍ପର୍କ ଅଛି । ଆବଶ୍ୟକ ପଡ଼ିଲେ ଜାମିଆର ଶିକ୍ଷାର୍ଥୀ ଓ ଶିକ୍ଷକମାନେ ସହରର ବିଭିନ୍ନ କାର୍ଯ୍ୟାଳୟର ପ୍ରବନ୍ଧକଙ୍କ ସହିତ ସହଯୋଗ କରିଥାନ୍ତି । ମୁହାଜିରିନ୍ (ପ୍ରବାସୀ) ଙ୍କ ଆସିବା ଯୋଗୁ ଯେଉଁଠି ଇନ୍ତେଜାମିଆଙ୍କୁ ଅନୁବାଦର ଆବଶ୍ୟକ ପଡୁଛି ତାହା ପୁରା କରିବା ସହିତ ମୁହାଜିରିନ୍‌ଙ୍କ ସାହାଯ୍ୟ ପାଇଁ ଜାମିଆ ଅନ୍ୟାନ୍ୟ ଜିନିଷ ବ୍ୟତୀତ ଦୁଇ ହଜାର ୟୁରୋ ନଗଦ ପ୍ରଦାନ କରୁଛନ୍ତି । ସହରର ସଫାଇ କାର୍ଯ୍ୟ ହେଉ ବା ବିଲଡ୍ ଡୋନେସନ୍ କ୍ୟାମ୍ପ ହେଉ ଅଲ୍ଲାଃଙ୍କ ଫଜଲରୁ ଜାମେୟାର ପିଲାମାନେ ସବୁ କାର୍ଯ୍ୟରେ ଲାଗିରହିଛନ୍ତି ।

ପଚ୍ଛବର୍ଷ ଜାମିଆ ଭିତରେ ମଧ୍ୟ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା । ଯେଉଁଥିରେ ଜାମିଆର ୫୯ ଜଣ ପିଲା ରକ୍ତ ଦାନ କଲେ ଏବଂ ଜଣେ ଶିକ୍ଷାର୍ଥୀ ଯାହାଙ୍କ ନାମ ଅକିଲ୍ ଅହେମଦ୍ ସେ ଲଗାତାର ୧୦ ଥର ରକ୍ତଦାନ କରିବା ଯୋଗୁଁ ସହରର ପ୍ରବନ୍ଧକ ତାଙ୍କୁ ପୁରସ୍କାର ମଧ୍ୟ ଦେଲେ । ଚଳିତ ବର୍ଷ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ମାନଙ୍କରୁ ୧୭୪ ଜଣ ଶିକ୍ଷକ ଓ ଶିକ୍ଷାର୍ଥୀ ଏହି ଜାମିଆର ପରିଦର୍ଶନ ପାଇଁ ଆସିଛନ୍ତି । ଏହି ବର୍ଷ ବିଭିନ୍ନ ସମୟରେ ମୋଟ ୪୪୧ ଜଣ ଅଣମୁସଲମାନ ଓ ଅଣଅହେମଦୀ ବ୍ୟକ୍ତି ବିଶେଷ ଜାମିଆ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ଜର୍ମାନ୍, ଆରବୀ ଏବଂ ଅନ୍ୟାନ୍ୟ ଜାତିର ଲୋକମାନେ ମଧ୍ୟ ସାମିଲ୍ ଥିଲେ । ଏହିପରି ବିଭିନ୍ନ ଜମାତ୍‌ର ୧୮୦ ଜଣ ବ୍ୟକ୍ତି ଏହି ଜାମିଆ ଦେଖିବା ପାଇଁ ଆସିଛନ୍ତି । ସେମାନଙ୍କ ମଧ୍ୟରୁ ୱାକିଫିନେ ନୌ ର ଏକ ବହୁତ ବଡ଼ ସଂଖ୍ୟା ଥିଲା । ଶାହିଦ୍ ଶ୍ରେଣୀର ଶିକ୍ଷାର୍ଥୀମାନେ ନିଜର ଶିକ୍ଷା ଯାତ୍ରାକୁ ଜାରି ରଖି ସପ୍ତମ ବର୍ଷରେ ହଜୁର୍ ଅନୁୱର୍‌ଙ୍କ ତରଫରୁ ମଞ୍ଜୁରି ମିଳିଥିବା ବିଷୟ ଉପରେ ପ୍ରବନ୍ଧ ଲେଖିଛନ୍ତି । ହଜୁର୍ ଅନୁୱର୍‌ଙ୍କ ଅନୁମତି କ୍ରମେ ସେଗୁଡିକ ବିଭିନ୍ନ ପରିକ୍ଷକଙ୍କ ନିକଟକୁ ଚେକିଂ ନିମନ୍ତେ ପଠାଯାଇଥିଲା । ଚେକିଂ ପରେ ପ୍ରବନ୍ଧ ଗୁଡିକର ଇଂଟର୍‌ଭିଉ ହେଲା । ଏହି ଇଂଟର୍‌ଭିଉ ନିମନ୍ତେ ଜର୍ମାନୀ ବ୍ୟତୀତ ଫ୍ରାନ୍ସ, ୟୁକେ ଏବଂ ସୁଇଜରଲ୍ୟାଣ୍ଡର ପରୀକ୍ଷକ ସାମିଲ୍ ହୋଇଥିଲେ ।

୨୦୧୬ ଶାହିଦ୍ ଶ୍ରେଣୀର ପରୀକ୍ଷା ପାଇଁ ହଜୁର୍ ଅନୁୱର୍‌ଙ୍କ ନିର୍ଦ୍ଦେଶ ମୁତାବକ କିଛି ପ୍ରଶ୍ନପତ୍ର ଜାମିଆ ଅହେମଦୀୟା ୟୁକେ ଏବଂ ଜର୍ମାନୀ ସହିତ ସମ୍ପର୍କ ରଖିଥିବା ବିଭିନ୍ନ ୱଲେମାମାନେ ପ୍ରସ୍ତୁତ କରିଥିଲେ ଏବଂ ସେମାନେ ହିଁ ଏହି ପେପର୍ ଗୁଡିକ ଚେକ୍ ମଧ୍ୟ କଲେ ।

ମଇ ୨୦୧୬ ରେ ହଜୁର୍ ଅନୁୱର୍‌ଙ୍କ ଦ୍ୱାରା ଗୃହୀତ ପାଂଚଜଣିଆ ବୋର୍ଡ଼ ଶିକ୍ଷାର୍ଥୀମାନଙ୍କର ଫାଇନାଲ୍ ଇଂଟର୍‌ଭିଉ ନେଲେ ଏହି ସମସ୍ତ ପରୀକ୍ଷାର ଫଳାଫଳ ହଜୁର୍ ଅନୁୱର୍‌ଙ୍କ ଗୋଚରେ ନିରୀକ୍ଷଣ ଓ ମଞ୍ଜୁରୀ ନିମନ୍ତେ ଉପସ୍ଥାପନ କରାଯାଇଥିଲା ।

ହଜୁର୍ ଅନୁୱର୍‌ଙ୍କର ଦୁଆ ଏବଂ ଅଲ୍ଲାଃତାଲାଙ୍କ ଫଜଲ ଓ ଦୟା ସହିତ ଏହି ସମସ୍ତ ଶିକ୍ଷାର୍ଥୀମାନେ ପରୀକ୍ଷା, ପ୍ରବନ୍ଧ ଲିଖନ ଏବଂ ଇଂଟର୍‌ଭିଉରେ ସଫଳତା ଲାଭ କଲେ । ଅଲହମ୍‌ଦୋଲିଲ୍ଲାଃ ଆଲା ଜାଲିକ୍ ।

ବିଭିନ୍ନ ଖେଳ ବ୍ୟତୀତ ଶିକ୍ଷାର୍ଥୀମାନଙ୍କୁ ହାଇକିଂ (ପାହାଡ଼ ଚଢ଼ିବା)କରିବାର ମଧ୍ୟ ଅବସର ମିଳିଲା । ଶାହିଦ୍ ଶ୍ରେଣୀର ପରୀକ୍ଷା ପରେ ଏହି ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ ଶିକ୍ଷାଦାନ ସହିତ କିଛି ଶାରିରୀକ ଟ୍ରେନିଂ ମଧ୍ୟ ଦିଆଯାଏ ଯେପରି ଖାଦ୍ୟ ପ୍ରସ୍ତୁତ କରିବା, ବିଜୁଳିବତୀର କାମ କରିବା, ହୋମିଓପାଥି ଶିକ୍ଷା ଏବଂ ମୋଟର ଗାଡ଼ିର କିଛି ସାଧାରଣ ଜ୍ଞାନ ବିଷୟରେ ଶିକ୍ଷା ଦିଆଯାଏ ।

ପ୍ରିୟ ଆକା ! ଜାମିଆର ପାଠପଢ଼ା ଏବଂ ଜାମିଆର ଶିକ୍ଷକଗଣ ଓ ପରିଚାଳକଙ୍କ ଚେଷ୍ଟା ନିଜ ଯାଗାରେ ଅଛି କିନ୍ତୁ ବାସ୍ତବିକତା ତାହା ଯାହାକୁ ପ୍ରକାଶ କରି ହଜରତ୍ ମୌଲାନା ଅବ୍‌ଦୁଲ୍ କରିମ ସିଆଲକୋଟି ର:ଅ କହିଛନ୍ତି- ''ମୁଁ କୋରାନ୍ ମଧ୍ୟ ପଢ଼ିଥିଲି । ମୌଲାନା ନୁରୁଦ୍ଦିନ୍ ର:ଅ ଙ୍କ ଅନୁଗ୍ରହରୁ ହଦିସ୍‌ର ସଉକ ମଧ୍ୟ ହୋଇଯାଇଥିଲା । ଘରେ ସୁଫି ମାନଙ୍କର ପୁସ୍ତକ ଗୁଡିକ ମଧ୍ୟ ପଢୁଥିଲି । କିନ୍ତୁ ଇମାନ୍‌ରେ ସେହି ଆଲୋକ ଏବଂ ଜ୍ୟୋତି ଓ ଅଲ୍ଲାଃଙ୍କୁ ଜାଣିବାର ଜ୍ଞାନରେ କୌଣସି ଉନ୍ନତି ନଥିଲା, ଯାହା ବର୍ତମାନ ଅଛି । ତେଣୁ ମୁଁ ମୋ ବନ୍ଧୁମାନଙ୍କୁ ନିଜର ଅଭିଜ୍ଞତା ଦ୍ୱାରା କହୁଛି ଯେ ମନେରଖ ଏହି ଖଲିଫତୁଲ୍ଲାଃଙ୍କୁ ନ ଦେଖିଲେ ଶାହାବା ମାନଙ୍କ ପରି ଜୀବନ୍ତ ବିଶ୍ୱାସ ମିଳିପାରିବ ନାହିଁ ।'' (ତାରିଖେ ଅହେମଦୀୟତ, ପ୍ରଥମ ଖଣ୍ଡ, ପୃଷ୍ଠା-୩୪୨)

ହଜରତ୍ ମୁସ୍‌ଲେହ ମଉଦ୍ ର:ଅ ଏହି ବାସ୍ତବିକତା ଆଡ଼କୁ ଧ୍ୟାନ ଆକର୍ଷଣ କରାଇ କହୁଛନ୍ତି- ''ଏକ ପ୍ରକାର ଆଧ୍ୟାତ୍ମିକ ପ୍ରଭାବ ପଡ଼ିଥାଏ ଯାହା ସାମ୍ନାକୁ ଆସୁଥିବା ଲୋକ ଉପରେ ହିଁ ପଡ଼େ । ଏହାକୁ ପ୍ରତ୍ୟେକ ବ୍ୟକ୍ତି ବୁଝିପାରିବେ ନହିଁ.... । ଦୁଆ ବ୍ୟତୀତ ହୃଦୟର ମଧ୍ୟ ଗୋଟିଏ ପ୍ରଭାବ ଥାଏ ଏବଂ ତାହା ଦ୍ୱାର ବହୁତ ଗୁଡିଏ ସୁଧାର ହୋଇଯାଏ । ଏହି ପ୍ରଭାବକୁ ସେହି ଲୋକମାନେ ହାସଲ କରିପାରିବେ ଯିଏ ମଜଲିସ୍‌ରେ ଆସି ବସିବେ ଏବଂ ଯିଏ ମଜଲିସ୍‌କୁ ଆସେ ନାହିଁ ତା ଉପରେ ପ୍ରଭାବ ପଡ଼େନାହିଁ ।'' (ଖୁତାବ ଜଲସା ସାଲାନା ୨୭ ଡିସେମ୍ବର୍ ୧୯୨୦)

ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ, ସମ୍ପର୍କ ଏବଂ ତାଙ୍କ ନିକଟତର ଯଦି ନହୁଏ ତେବେ କେବଳ ଏହି ପାଠ୍ୟକ୍ରମରେ ଥିବା ପୁସ୍ତକ ଗୁଡିକର ବାକ୍ୟ ଗୁଡିକ ଇମାନ୍‌ରେ ଜ୍ୟୋତି ପ୍ରକଟ କରାଇପାରିବେ ନାହିଁ । ସେଥିଯୋଗୁଁ ଏହି ସାତ ବର୍ଷ ମଧ୍ୟରେ ପ୍ରିୟ ଆକାଙ୍କ ଜର୍ମାନୀ ଆସିବା ଅବସରରେ ଏହି ଚେଷ୍ଟା କରାଯାଉଅଛି ଯେ ହଜୁର୍ ଅନୁୱର୍‌ଙ୍କ ସାନିଧ୍ୟ ପାଇବା ପାଇଁ ଯେଉଁ ସମୟ ମିଳୁଅଛି ସେଥିରୁ ଲାଭ ଉଠାଯାଉ । ହଜୁର୍ ଅନୁୱର୍‌ଙ୍କ ସ୍ନେହଦ୍ୱାରା ଶିକ୍ଷାର୍ଥୀମାନଙ୍କୁ ଯେବେ ମଧ୍ୟ ମୌକା ମିଳିଲା ସେମାନେ ନିଜ ପ୍ରିୟ ଆକାଙ୍କ ସହିତ କ୍ଲାସ୍‌ରେ ସାମିଲ୍ ହେବା ପାଇଁ ସୌଭାଗ୍ୟ ପ୍ରାପ୍ତ କଲେ । ସେହିପରି ଜାମିଆ ଅହେମଦୀୟାର ପରିଚାଳକଙ୍କ ତରଫରୁ ଯଥା ସମ୍ଭବ ଚେଷ୍ଟା କରାଯାଉଛି ଯେ ଶିକ୍ଷାର୍ଥୀମାନେ ଅଧିକରୁ ଅଧିକ ହଜୁର୍ ଅନୁୱର୍‌ଙ୍କ ପବିତ୍ର ଗୋଚରେ ଲଣ୍ଡନ୍ ଯାଇ ସାକ୍ଷାତ୍ କରନ୍ତୁ ଏବଂ ହଜୁର୍ ଅନୁୱର୍‌ଙ୍କ ଠାରୁ ପ୍ରତ୍ୟେକ୍ଷରେ ଅନୁଗ୍ରହ ହାସଲ୍ କରନ୍ତୁ । ଅଲ୍ଲାଃଙ୍କ ଦୟାରୁ କିଛି ଶିକ୍ଷାର୍ଥୀଙ୍କୁ ଛାଡ଼ିଦେଲେ, ଯେଉଁମାନଙ୍କ ନିମନ୍ତେ ଭିଜାର ସମସ୍ୟା ଥିଲା ବାକି ସମସ୍ତ ଶିକ୍ଷାର୍ଥୀମାନେ ହଜୁର୍ ଅନୁୱର୍‌ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କରିଛନ୍ତି ।

ଆଜି ଆମେ ଗୋଟିଏ ପଟେ ଅଲ୍ଲାଃଙ୍କୁ ଧନ୍ୟବାଦ ଜଣାଉଛୁ ଯେ ଏହି ଶିକ୍ଷାର୍ଥୀମାନେ ନିଜର ସାତବର୍ଷୀୟ ଶିକ୍ଷା ଯାତ୍ରାକୁ ବହୁତ ଭଲରେ ସମ୍ପୁର୍ଣ୍ଣ କରି କର୍ମ କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ହଜୁର୍ ଅନୁୱର୍‌ଙ୍କ ପବିତ୍ର ଗୋଚରେ ଉପସ୍ଥିତ ଅଛନ୍ତି । ଦ୍ୱିତୀୟ ପଟେ ନିଜର ସମସ୍ତ ଚେଷ୍ଟା କରିବା ସତ୍ୱେ ଆମ୍ଭେ ଜାମିଆ ଅହେମଦୀୟା ଜର୍ମାନୀର ସମସ୍ତ ଶିକ୍ଷକ ଓ ଶିକ୍ଷାର୍ଥୀମାନେ ନିଜର ଦୋଷ ଦୁର୍ବଳତାକୁ ମାନି ନେଇ ନିଜର ପ୍ରିୟ ଆକାଙ୍କ ଗୋଚରେ ଦୁଆ କରିବା ପାଇଁ ପ୍ରାର୍ଥନା କରୁଅଛୁ । ଅଲ୍ଲାଃତାଲା ଆମର ଦୋଷଦୁର୍ବଳତା ଗୁଡିକୁ ଘୋଡ଼ାଇଦିଅନ୍ତୁ ଓ ଖୁଦା ଏବଂ ଖୁଦାଙ୍କର ପ୍ରିୟ ଇମାମ୍ ଆମଠାରୁ ସେବା ନିମନ୍ତେ ଯେଉଁ ପ୍ରକାର ଆଶା ରଖିଛନ୍ତି ଏବଂ ଯେଉଁ ସ୍ତରରେ ଆମକୁ ଦେଖିବାକୁ ଚାହୁଁଛନ୍ତି ସେହି ଶକ୍ତିଶାଳୀ ଖୁଦା କେବଳ ନିଜର ଦୟା ଦ୍ୱାରା ଆମକୁ ଏପରି କରିଦେଉ । ଆମିନ୍ ! ଆଲାହୁମ୍ମା ଆମିନ୍ !

ପରିଶେଷରେ ହଜୁର୍ ଅନୁୱର୍‌ଙ୍କ ଗୋଚରେ ନିମିତ ପ୍ରାର୍ଥନା ଯେ ଜାମିଆ ଅହେମଦୀୟା ଜର୍ମାନୀରୁ ଉତୀର୍ଣ୍ଣ ହୋଇଥିବା ମୁରବୀ ସିଲ୍‌ସିଲାଙ୍କୁ ପବିତ୍ର କୋରାନ୍‌ର ଅନୁବାଦ ଏବଂ ଶାହିଦ୍ ଶ୍ରେଣୀର ଡ଼ିଗ୍ରୀ ପ୍ରଦାନ କରନ୍ତୁ । ତତ୍ ସହିତ ବାକି ଶ୍ରେଣୀର ପ୍ରଥମ, ଦ୍ୱିତୀୟ, ତୃତୀୟ ପୋଜିସନ୍ ହାସଲ୍ କରିଥିବା ଶିକ୍ଷାର୍ଥୀଙ୍କୁ ମଧ୍ୟ ପୁରସ୍କାର ପ୍ରଦାନ କରନ୍ତୁ ।

ଏହାପରେ ହଜୁର୍ ଅନୁୱର୍ ଅ:ବ:ଅ ଜାମିଆର ୬ ଟି ଯାକ ଶ୍ରେଣୀରେ ବାର୍ଷିକ ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ପୋଜିସନ୍ ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କଲେ । ଏହାପରେ ଜାମିଆ ଅହେମଦୀୟା ଜର୍ମାନୀରୁ ଶିକ୍ଷା ଶେଷ କରି ଉତୀର୍ଣ୍ଣ ହୋଇଥିବା ନିମ୍ନଲିଖିତ ମୁରବୀମାନଙ୍କୁ ତଫସିର, ସଗିର ଓ ଶାହିଦ୍‌ର ଡ଼ିଗ୍ରୀ ପ୍ରଦାନ କଲେ ।

ମୋକରମ୍ ଶେଖ୍ ଅବ୍‌ଦୁଲ୍ ହନାନ୍ ସାହେବ, ମନ୍‌ସୁର୍ ଅହେମଦ୍ ଘମନ୍ ସାହେବ୍, ଅର୍‌ସଲାନ୍ ଅହେମଦ୍ ସନ୍ଧୁ ସାହେବ୍, ଅଜିଜ୍

ଅହେମଦ୍ ଘମନ୍ ସାହେବ୍, ଆଫ୍‌ତାବ୍ ଅସ୍‌ଲମ୍ ସାହେବ, ମହମ୍ମଦ୍ ମୁସୱିର୍ ଅହେମଦ୍ ଗୋନ୍ଦଲ୍ ସାହେବ୍, ଜୱାଦ୍ ଅହେମଦ୍ ଜଟ୍ ସାହେବ୍, ମହମ୍ମଦ୍ ସର୍ଫରାଜ୍ ଖାନ୍ ସାହେବ୍, ଫକର୍ ଅହେମଦ୍ ଆଫତାବ୍ ସାହେବ୍, ରାନା ମହମ୍ମଦ୍ ମନୱର୍ ସାହେବ୍, ଅଦିଲ୍ ଅହେମଦ୍ ଖାଲିଦ୍ ସାହେବ୍, ଜୱାଦୁଦ୍ଦିନ୍ ଅଫାନ୍ ସାହେବ୍, ଅହେମଦ୍ ବହ୍‌ନରାଦ୍ ଚୌଧୁରୀ ସାହେବ୍, ୱଫା ମହମ୍ମଦ୍ ସାହେବ୍ ହବିବୁର୍ ରହେମାନ୍ ନାସିର୍ ସାହେବ୍, ଉସାମା ଅହେମଦ୍ ସାହେବ୍ ଓ ଅବ୍‌ଦୁଲ୍ଲାଃ ସାହେବ୍ (ବୁଲଗାରିଆ)

ଏହାପରେ ହଜୁର୍ ଅନୱର୍ ଅ:ବ:ଅ ଜାମିଆରୁ ଉତୀର୍ଣ୍ଣ ହୋଇଥିବା ମୁରବୀମାନଙ୍କୁ ଅଭିଭାଷଣ ଦେଲେ ।

**ହଜୁର୍ ଅନୱର୍ ଅ:ବ:ଅ ଅଭିଭାଷଣ**

ତଶହୁଦ, ତଉଜ, ତସ୍‌ମିଆ ଓ ସୁରା ଫାତେହା ପାଠ କରିବା ପରେ ହଜୁର୍ ଅନୱର୍ ଅ:ବ:ଅ କହିଲେ ଜାମିଆର ପରିଚାଳନା କମିଟିଙ୍କ ତରଫରୁ ଯେଉଁ ବିସ୍ତୃତ ବିବରଣୀର ରିପୋର୍ଟ ଉପସ୍ଥାପନ କରାଯାଉଛି ସେଥିରେ ବିଭିନ୍ନ ପ୍ରକାର କାର୍ଯ୍ୟକଳାପର ଚର୍ଚ୍ଚା କରାଯାଇଛି । ଜାମିଆର ଶିକ୍ଷା ପାଠ୍ୟକ୍ରମ ବ୍ୟତୀତ ଏଗୁଡିକ ଅଛି । ଏହାର ପରିଚୟ ଏଥିପାଇଁ କରାଯାଉଛି ବା ଏହି ବିଷୟଗୁଡିକରେ ସାମିଲ୍ ହେବାପାଇଁ କୁହାଯାଉଛି ଯଦ୍ଦ୍ୱାରା ଯେଉଁଠି ମୁରବୀମାନେ କର୍ମକ୍ଷେତ୍ରକୁ ଆସିଲା ପରେ ଏହି ବିଷୟଗୁଡିକରେ ଅବଗତ ହେବେ ସେଠାରେ ଏହି ବିଷୟଗୁଡିକର ଗୁରୁତ୍ୱ ମଧ୍ୟ ତାଙ୍କ ଉପରେ ପ୍ରକାଶ ହେବ । ଫଳତଃ ସେମାନେ ଏହା କରିବା ପାଇଁ ଚେଷ୍ଟା କରିବେ ।

ହଜୁର୍ ଅନୱର୍ କହିଲେ କର୍ମକ୍ଷେତ୍ରରେ ଆସି ଆପଣମାନଙ୍କର ଦାୟିତ୍ୱ ବଢ଼ିଯାଏ । ଯଦିଚ ଗୋଟିଏ ଶିକ୍ଷାର୍ଥୀ ଯିଏ ଜାମିଆକୁ ଆସେ ତାଠାରୁ ଏହା ଆଶା କରାଯାଏ ଯେ ତା'ର ଧାର୍ମିକ ସ୍ତର, ଚାରିତ୍ରିକ ସ୍ତର, ଚାଲିଚଳନ ଓ କଥାବାର୍ତ୍ତାର ଢ଼ଙ୍ଗ ଅନ୍ୟମାନଙ୍କ ଠାରୁ ଭିନ୍ନ ହେଉ ଏବଂ ସେଥିରେ ଧିରେ ଧିରେ ଉନ୍ନତି ହୋଇ ଉତମତା ଜନ୍ମ ହେଉ । କିନ୍ତୁ କର୍ମକ୍ଷେତ୍ରରେ ଆସି ଆପଣମାନଙ୍କ କାନ୍ଧରେ ବହୁତ ବଡ଼ ଦାୟିତ୍ୱ ପଡ଼ିଅଛି । ଏବେ ଆପଣମାନେ କେବଳ ଶିକ୍ଷାର୍ଥୀ ନୁହଁନ୍ତି । ଏପରି ତ ମନୁଷ୍ୟ ସାରାଜୀବନ ଶିକ୍ଷାର୍ଥୀ ହୋଇ ରହିଥାଏ । ଆଁ ହଜରତ୍ ସ:ଆ:ସ ଏହା ହିଁ କହିଛନ୍ତି ଯେ କବରରେ ଦାଖିଲ୍ ହେବା ପର୍ଯ୍ୟନ୍ତ ଶିକ୍ଷା ଗ୍ରହଣ କରିବା ଉଚିତ୍ । ବରଂ ତତ୍‌ସହିତ ଆପଣମାନଙ୍କର ଦାୟିତ୍ୱ ଏହା ମଧ୍ୟ ଅଟେ ଯେ ଯେଉଁଠି ନିଜକୁ ସୁଧାରିବେ ସେଠାରେ ଅନ୍ୟମାନଙ୍କୁ ମଧ୍ୟ ଇସ୍‌ଲାମ୍‌ର ସୁନ୍ଦର ବାର୍ତ୍ତାକୁ ପହଂଚାଇବେ । ଏବଂ ଏହା ବହୁତ ବଡ଼ ଦାୟିତ୍ୱ ଅଟେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ଏବେ ଯେଉଁ ନଜମ୍‌ଟି ପାଠ କରାଗଲା ଏଥିରେ ମଧ୍ୟ ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ଏହା କହିଛନ୍ତି ଯେ ଏକ ଉଦ୍ଦେଶ୍ୟକୁ ହାସଲ କରିବାକୁ ହେବ, ଯାହା ଏକ ବହୁତ ବଡ଼ ଦାୟିତ୍ୱ ଅଟେ । ତେଣୁ ଆପଣମାନଙ୍କ ମଧ୍ୟରେ ସର୍ବଦା ଏହି ଦାୟିତ୍ୱ ବୋଧ ନା କେବଳ ଜନ୍ମ ହେବା ଉଚିତ୍ ବରଂ ଏହା ଦିନକୁ ଦିନ ବଢ଼ି ଚାଲିବା ଉଚିତ୍ । ଏବେ ସମସ୍ତଙ୍କର ଦୃଷ୍ଟି ଆପଣଙ୍କ ଉପରେ । ସେ ଅହେମଦୀ ବା ଅଣ ଅହେମଦୀ ବା ଅଣ ମୁସ୍‌ଲିମ୍ ହୁଅନ୍ତୁ । ଆପଣମାନଙ୍କ ହୃଦୟରୁ ଏବେ ପ୍ରତ୍ୟେକ ପ୍ରକାର ସାଂସାରିକ ଭୟ ଦୂରେଇ ଯିବା ଉଚିତ୍ ଏବଂ ଏହି ସାଂସାରିକ ଭୟକୁ ହୃଦୟରୁ ଦୂର କରି ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ପ୍ରତିଷ୍ଠା କରିବାରେ ପ୍ରତିକ୍ଷଣ ଆପଣମାନେ ବଢ଼ି ଚାଲିବା ପାଇଁ ଚେଷ୍ଟା କରିବା ଉଚିତ୍ । ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କସ୍ଥାପନ ହିଁ ପ୍ରତ୍ୟେକ ଅବସରରେ ଆପଣଙ୍କର କାମ ଆସିବ । ଯଦି ଖୁଦାତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାର ସ୍ତର ନାହିଁ ଯାହା ଜଣେ ମୁରବୀ ଓ ମୋବୋଲିଗଙ୍କୁ ହେବା ଉଚିତ୍, ଯିଏ ଏହି ଶପଥ କରିଛି ଯେ ମୁଁ ଦୀନ୍‌ର ବାର୍ତ୍ତାକୁ ଦୁନିଆରେ ପ୍ରସାର କରିବା ପାଇଁ ନିଜ ଜୀବନକୁ ଉତ୍ସର୍ଗ କରୁଅଛି, ମୁଁ ନା କେବଳ ନିଜ ଜୀବନରେ ପରିବର୍ତନ କରିବି ଓ ଏହି ପରିବର୍ତନ କରି ଆଗକୁ ବଢ଼ି ଚାଲିବି ବରଂ ସଂସାରର ସୁଧାର କରି ସେମାନଙ୍କୁ ମଧ୍ୟ ଖୁଦାତାଲାଙ୍କ ନିକଟତର କରାଇବି । ତେଣୁ ଏ କଥା ସର୍ବଦା ମନେରଖନ୍ତୁ ଯେ ଏ କାର୍ଯ୍ୟ ସେ ପର୍ଯ୍ୟନ୍ତ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ତୁମର ଖୁଦାତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ହୋଇନାହିଁ ଓ ସମ୍ପର୍କ ସ୍ଥାପନ କରିବା ପାଇଁ ଆପଣମାନେ ନିଜର ନୱାଫିଲ୍ ଓ ନମାଜରେ ନା କେବଳ ଅବହେଳା କରିବେ ନାହିଁ ବରଂ ଅତ୍ୟନ୍ତ ଉତ୍ସାହିତ ହୋଇ ଏହା ପ୍ରତି ଧ୍ୟାନ ଦେବେ ଓ ଚେଷ୍ଟା କରି ଏହାକୁ ହାସଲ୍ କରିବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ମୁଁ ଦେଖିଛି ଯେ ଅଧିକାଂଶ ମୁରବୀମାନଙ୍କୁ ଯେତେବେଳେ ମୁଁ ପ୍ରଶ୍ନ କରେ ସେତେବେଳେ ମୁଁ ତାଙ୍କୁ ନୱାଫିଲ୍ ପଢ଼ିବା ପାଇଁ ଅବହେଳା ଓ ତହଜୁଦରେ ଉଠିବା ପାଇଁ ବହୁତ ଅବହେଳା କରିବାର ପାଏ । ଏଠାରେ ବିଶେଷ କରି ୟୁରୋପ୍‌ରେ ଗ୍ରୀଷ୍ମ ଦିନ ଗୁଡିକରେ ଯେତେବେଳେ ରାତି ଛୋଟ ହୋଇଥାଏ ଏବଂ ଦିନ ବଡ଼ ହୋଇଥାଏ, ବହୁତ କମ୍ ସମୟ ଶୋଇବା ପାଇଁ ମିଳିଥାଏ । କିନ୍ତୁ ସେଥିରେ ମଧ୍ୟ ଆପଣମାନଙ୍କୁ ନଫିଲ୍ ପଢ଼ିବା ପାଇଁ ଜାଗିବା ଉଚିତ୍ ଏବଂ ନଫିଲ୍ ପଢ଼ନ୍ତୁ । ଏହି ନଫିଲ୍ ହିଁ ଅଟେ ଯାହା ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବାରେ ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିଥାଏ । ଫରାଏଜ୍ (ଯେଉଁ ଗୁଡିକ କରିବା ପାଇଁ ଧାର୍ଯ୍ୟ ହୋଇଥାଏ) ଗୁଡିକ ପ୍ରତ୍ୟେକ ଅହେମଦୀ ଏବଂ ପ୍ରତ୍ୟେକ ମୁସଲ୍‌ମାନ୍ ମାନଙ୍କ ପାଇଁ ଧାର୍ଯ୍ୟ ଅଟେ ଏବଂ ଅହେମଦୀ ମୁସଲ୍‌ମାନ୍‌ମାନଙ୍କ ପାଇଁ ବିଶେଷ ରୂପେ ଯିଏ ହଜରତ୍ ମସିହ୍ ମଉଦ୍ ଆ:ସ ଙ୍କୁ ମାନିଛି ଏବଂ ସେ ଏ ଶପଥ ମଧ୍ୟ କରିଛି ଯେ ମୁଁ ଦୀନ୍‌କୁ ଦୁନିଆ ଉପରେ ଅଗ୍ରାଧିକାର ଦେବି । କିନ୍ତୁ ଜଣେ ମୁରବୀଙ୍କର ଶପଥ ଆ ଠାରୁ ବଢ଼ିକରି ଅଟେ । ତେଣୁ ସର୍ବଦା ମନେରଖନ୍ତୁ ଯେ ଆପଣମାନେ ନୱାଫିଲ୍ ପଢ଼ିବା ପାଇଁ ଧ୍ୟାନ ଦେବା ଆବଶ୍ୟକ । କିଛି ଲୋକ କର୍ମକ୍ଷେତ୍ରରେ ଆସି ମଧ୍ୟ ଫଜର୍ ନମାଜ ପଢ଼ିବାରେ ଅବହେଳା କରୁଛନ୍ତି । ଏହି ଅବହେଳା ଏବେ ଦୂର ହେବା ଉଚିତ୍ । ଏହା ଦୂର କରିଲେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କରେ ଉନ୍ନତି କରିପାରିବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ଆପଣମାନଙ୍କର ବଡ଼ ଉଦ୍ଦେଶ୍ୟ ହେଉଛି ଏକେଶ୍ୱରବାଦକୁ ସ୍ଥାପନ କରିବା । ହଜରତ୍ ମସିହ୍ ମଉଦ୍ ଆ:ସ ଏ ଯୁଗରେ ଏହି ଉଦ୍ଦେଶ୍ୟ ପୂରଣ କରିବା ପାଇଁ ଆସିଛନ୍ତି ଯେ ଏକେଶ୍ୱରବାଦ ସ୍ଥାପନ ହେଉ ଏବଂ ଭକ୍ତଙ୍କର ଖୁଦାଙ୍କ ସହିତ ସମ୍ପର୍କ ସ୍ଥାପନ ହେଉ । ଏହା ଏକ ବହୁତ ବଡ଼ ଲକ୍ଷ୍ୟ ଏବଂ ଦ୍ୱିତୀୟ ଉଦ୍ଦେଶ୍ୟ ହେଉଛି ମନୁଷ୍ୟ ନିଜ ଭିତରେ ଜଣେ ଅନ୍ୟର ଅଧିକାର ପ୍ରତି ଧ୍ୟାନ ରଖୁ । ଯଦି ଖୁଦାତାଲାଙ୍କର ଡ଼ର ବା ଭୟ ହୃଦୟ ଭିତରେ ଥିବ ଓ ଖୁଦାତାଲାଙ୍କ ସହିତ ସମ୍ପର୍କ ହେବ ତେବେ ଯାଇ ଆପଣମାନେ ଏକେଶ୍ୱରବାଦ ପ୍ରତିଷ୍ଠା କରିବା ନିମନ୍ତେ ବାସ୍ତବିକ ଚେଷ୍ଟା କରିପାରିବେ । ତେବେଯାଇ ଆପଣମାନଙ୍କୁ ସେହି ଜ୍ଞାନ ହାସଲ ହୋଇପାରିବ ଯେ ଏକେଶ୍ୱରବାଦ କି ପ୍ରକାର ଜିନିଷ ଅଟେ ନଚେତ୍ ଯଦି ଉପାସନା ନାହିଁ ଏବଂ ଉପାସନାର ମୁକାବିଲାରେ କିଛି ଅବହେଳା ଆସୁଅଛି ତେବେ ଏହାର ଅର୍ଥ ହେଉଛି ଯେ ଆପଣମାନେ ଏକେଶ୍ୱରବାଦ ମୁକାବିଲାରେ ଆଉ କିଛି ଜିନିଷକୁ ଛିଡ଼ା କରିଛନ୍ତି । ଏହା ମୁଁ ସାଧାରଣତଃ ଯମାତ୍‌ର ଲୋକମାନଙ୍କୁ ମଧ୍ୟ କହିଥାଏ । କିନ୍ତୁ ମୁରବୀମାନଙ୍କୁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ଅଟେ । ଯଦି ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ କରିବେ ତେବେ ଯାଇ ଆପଣମାନେ ଏକେଶ୍ୱରବାଦର ପ୍ରତିଷ୍ଠା ପାଇଁ ଯଥାସମ୍ଭବ ଚେଷ୍ଟା କରିପାରିବେ । ଉପାସନା ବ୍ୟତୀତ ଏକେଶ୍ୱରବାଦ ସ୍ଥାପନ କରିବା ଅସମ୍ଭବ ଅଟେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ ଉପାସନା ଓ ନମାଜ ପ୍ରତି ଧ୍ୟାନ ଦେବା ପରେ ପବିତ୍ର କୋରାନ୍‌କୁ ପଢ଼ିବା, ଏହା ଉପରେ ଚିନ୍ତା କରିବା ଓ ଏହାର ତଫଶିର୍ (ବ୍ୟାଖ୍ୟା) ପଢ଼ିବା ଏହା ହେଉଛି ମଧ୍ୟ ବହୁତ ବଡ଼ କାର୍ଯ୍ୟ । ଆପଣମାନଙ୍କୁ ଏହି ଜାମିଆରେ ତଫଶିର୍ ପଢ଼ାଯାଇଛି । ଏବଂ ତଫଶିର୍‌ର ସଂକ୍ଷିପ୍ତ ପରିଚୟ ମଧ୍ୟ ଦିଆଯାଇଥିବ ବା କେତେଗୁଡିଏ ତଫଶିର୍ ପଢ଼ାଯାଇଥିବ । କିନ୍ତୁ ଏବେ ଏହି ଶିକ୍ଷାରେ ଉନ୍ନତି ଆଣିବା ପାଇଁ ଓ ନିଜ ଜ୍ଞାନକୁ ବଢ଼ାଇବା ପାଇଁ ଆପଣମାନେ ନିଜେ ପବିତ୍ର କୋରାନ୍ ଉପରେ ଅନୁଧ୍ୟାନ କରିବା ଆବଶ୍ୟକ । ତତ୍ ସହିତ ବିଭିନ୍ନ ତଫାଶିର୍ ମଧ୍ୟ ପଢ଼ନ୍ତୁ । ହଜରତ୍ ମସିହ୍ ମଉଦ୍ ଆ:ସ ନିଜ ପୁସ୍ତକ ଗୁଡିକରେ ବିଭିନ୍ନ ଆୟତର ବ୍ୟାଖ୍ୟା କରିଛନ୍ତି ଏବଂ ତଫଶିର୍ ରୂପରେ ତାହା ଗୋଟିଏ ଜାଗାରେ ଏକାଠି କରିଛନ୍ତି । ତାକୁ ମଧ୍ୟ ବାରମ୍ବାର ପଢ଼ିବା ଉଚିତ୍ । ଏହିପରି ହଜରତ୍ ମୁସ୍‌ଲେହ୍ ମଉଦ୍ ର:ଅ ପାଖାପାଖି ୫୪ ଟି ସୁରାର ତଫଶିର୍ କରିଛନ୍ତି । ସେଗୁଡିକ ପଢ଼ିବା ଉଚିତ୍ । ଏହି ସବୁ ଜିନିଷ ଆପଣମାନଙ୍କର ଦିନ୍‌ର କାମରେ ଆସିବ । ପ୍ରତ୍ୟେକ ଅବସରରେ ଏ ଚେଷ୍ଟା କରନ୍ତୁ ଯେ ଆପଣମାନଙ୍କୁ ଆପଣମାନଙ୍କର ପ୍ରଶ୍ନର ଉତର ପବିତ୍ର କୋରାନ୍ ଭିତରୁ ମିଳୁ । ଏହା ସେ ସମୟରେ ହୋଇପାରିବ ଯେବେ ଆପଣମାନେ ତା ଉପରେ ଅନୁଧ୍ୟାନ କରିବେ ଏବଂ ଚିନ୍ତା କରିବାର ଅଭ୍ୟାସ କରିବେ ।

ହଜୁର୍ ଅନୱର୍ ଅ:ବ:ଅ କହିଲେ- ମୁଁ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ତଫଶିର୍ ବାବଦରେ ସଂକ୍ଷିପ୍ତରେ କିଛି କହିସାରିଛି ତାହା ଚାରିଖଣ୍ଡ ବିଶିଷ୍ଟ ତଫଶିର୍ ଆକାରରେ ଯମାତ୍ ଅହେମଦିୟା ଲିଟେରେଚର୍ ମଧ୍ୟରେ ଅବସ୍ଥିତ । ଏତତ୍‌ବ୍ୟତୀତ ଆପଣ ଆ:ସଙ୍କ ପୁସ୍ତକ ଗୁଡିକୁ ପଢ଼ିବା ମଧ୍ୟ ଅତ୍ୟନ୍ତ ଜରୁରୀ ଅଟେ । ଆପଣମାନଙ୍କୁ ଅତି କମ୍‌ରେ ପ୍ରତ୍ୟହ ଅଧଘଂଟା, ଏହାଠାରୁ ଅଧିକ ହେଲେ ଆହୁରି ଭଲ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ କୌଣସି ନା କୌଣସି ପୁସ୍ତକ ପଢ଼ିବା ଉଚିତ୍ । ଏବଂ ଏହି ସବୁ ଜିନିଷ ଆପଣମାନଙ୍କ ଜ୍ଞାନକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ନଚେତ୍ ସାଂସାରିକ ଜ୍ଞାନ ଯାହା ଆପଣମାନେ ବିଭିନ୍ନ ସ୍ଥାନରୁ ଶିଖିଛନ୍ତି ବା ପଢ଼ିଛନ୍ତି ବା ଆଗକୁ ମଧ୍ୟ ପଢ଼ିବାର ଅବସର ମିଳିପାରେ ଏଥିରେ କୌଣସି ପ୍ରକାର ଲାଭ ନାହିଁ । ଆପଣମାନେ ଲୋକମାନଙ୍କୁ କହୁଛନ୍ତି ଯେ ଏ ଯୁଗରେ ହଜରତ୍ ମସିହ୍ ମଉଦ୍ ଆ:ସଙ୍କ ପୁସ୍ତକ ଗୁଡିକୁ ପଢ଼ନ୍ତୁ କିନ୍ତୁ ଯେପର୍ଯ୍ୟନ୍ତ ନିଜେ ନପଢ଼ିବେ ଆପଣମାନଙ୍କର ଏହା ପ୍ରତି ଲୋକମାନଙ୍କର ଯେଉଁ ଧ୍ୟାନ ଆକର୍ଷଣ କରାଉଛନ୍ତି, ସେଥିରେ ବରକତ୍ ପଡ଼ିବ ନାହିଁ । ତେଣୁ ଏ ଦୃଷ୍ଟିରୁ ସର୍ବଦା ମନେ ରଖନ୍ତୁ ଯେ ଏହାକୁ ପାଠ କରିବା ଅତ୍ୟନ୍ତ ଆବଶ୍ୟକ ଅଟେ । କ୍ରମଶଃ...

**(ବ ହୱାଲା ଅଖବର୍ ବଦର୍ ୧ ଜୁନ୍ ୨୦୧୭)**

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian **BADAR** ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.2 Thursday 07-14 SEPT 2017 Issue No. 36-37

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜର୍ମାନୀ ଗସ୍ତ ଏପ୍ରିଲ୍ ୨୦୧୭

ମଇଦାନେ ଅମଲ୍ (କର୍ମକ୍ଷେତ୍ର) ରେ ଆସି ଆପଣମାନଙ୍କ କାନ୍ଧ ଉପରେ ବହୁତ ବଡ଼ ଉତରଦାୟିତ୍ୱ ନ୍ୟସ୍ତ କରାଯାଇଛି । ଆପଣମାନଙ୍କର ମଧ୍ୟ ଏହା ଦାୟିତ୍ୱ ଯେ ନିଜର ତରବିୟତ୍ କରିବା ସହିତ ଅନ୍ୟମାନଙ୍କୁ ମଧ୍ୟ ଇସ୍‌ଲାମ୍‌ର ସୁନ୍ଦର ବାର୍ତାକୁ ସେମାନଙ୍କ ସମ୍ମୁଖରେ ପହଂଚାଇବାକୁ ହେବ ।

ଆପଣମାନଙ୍କ ହୃଦୟରୁ ଏବେ ପ୍ରତ୍ୟେକ ପ୍ରକାର ସାଂସାରିକ ଭୟ ଦୂର ହୋଇଯିବା ଉଚିତ୍ ଏବଂ ଏହି ସାଂସାରିକ ଭୟକୁ ହୃଦୟରୁ ବାହାର କରିବାକୁ ହେଲେ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କକୁ ପ୍ରତ୍ୟେକ କ୍ଷଣ ବଢ଼ାଇବା ପାଇଁ ଚେଷ୍ଟା କରିବା ଉଚିତ୍ ।

ନଫଲ (ନମାଜ) ନିମନ୍ତେ ଜାଗନ୍ତୁ, ନୱାଫିଲ (ନମାଜ) ହିଁ ଅଲ୍ଲାଃତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ଓ ସମ୍ପର୍କ ବଢ଼ାଇବା ପାଇଁ ଅତ୍ୟନ୍ତ ଗରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ।

ସର୍ବଦା ମନେରଖ ଯେ ଆପଣମାନଙ୍କୁ ନୱାଫିଲ୍ ନିମନ୍ତେ ଧ୍ୟାନ ଦେବା ଉଚିତ୍ ।

ଆପଣମାନଙ୍କ ବଡ଼ ଲକ୍ଷ୍ୟ ହେଉଛି ଏକେଶ୍ୱରବାଦକୁ ସ୍ଥାପନ କରିବା, ହଜରତ୍ ମସିହ୍ ମଉଦ୍ ଆ:ସ ଏହି ଉଦ୍ଦେଶ୍ୟକୁ ନେଇ ଆସଛନ୍ତି ଯେ ଏକେଶ୍ୱରବାଦ ପ୍ରତିଷ୍ଠା ହେଉ । ଏବଂ ଭକ୍ତଙ୍କର ଖୁଦାତାଲାଙ୍କ ସହିତ ସମ୍ପର୍କ ସ୍ଥାପନ ହୋଇଯାଉ । ଏବଂ ଦ୍ୱିତୀୟ ଉଦ୍ଦେଶ୍ୟଟି ହେଉଛି ମନୁଷ୍ୟ ମନୁଷ୍ୟ ଭିତରେ ଥିବା ଅଧିକାରକୁ ପ୍ରଦାନ କରିବା ପାଇଁ ଧ୍ୟାନ ଆକର୍ଷଣ କରାଇବା ।

**ମୋବୋଲିଗ୍‌ମାନଙ୍କୁ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ସ୍ୱର୍ଣ୍ଣିମ ଉପଦେଶ**

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**୨୨ ଏପ୍ରିଲ୍ ୨୦୧୭**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସକାଳ ୬:୧୫ ରେ ଆସି ନମାଜ ଫଜର ପଢ଼ାଇଲେ । ନମାଜ ପଢ଼ାଇବା ପରେ ନିଜର ଆବାସସ୍ଥଳୀକୁ ପ୍ରତ୍ୟାଗମନ କଲେ । ସକାଳେ ହଜୁର୍ ଅନୁଓ୍ୱର୍ ଦଫ୍‌ତର୍‌କୁ ଆସି ଚିଠିପତ୍ର ଓ ରିପୋର୍ଟ ଗୁଡ଼ିକ ଅନୁଧ୍ୟାନ କଲେ । ତତ୍ ସହିତ ଜରୁରୀ ନିର୍ଦ୍ଦେଶମାନ ଦେଲେ । ଆଜି ଜାମିଆ ଅହେମଦୀୟା ଜର୍ମାନୀରୁ ଶିକ୍ଷା ସମ୍ପୂର୍ଣ୍ଣ କରି ବାହାରିଥିବା ମୋବୋଲିଗିନ୍ କରାମ୍‌ଙ୍କ ଦ୍ୱିତୀୟ ଶ୍ରେଣୀର ଶିକ୍ଷାର୍ଥୀମାନଙ୍କୁ 'ଶାହିଦ' ଡିଗ୍ରି ଦେବାର ଉତ୍ସବ ଅନୁଷ୍ଠିତ ହେଉଅଛି ।

ଜାମିଆ ଅହେମଦୀୟା ଜର୍ମାନୀର ଆରମ୍ଭ ଜର୍ମାନୀର ମର୍କଜ ବଇତୁଲ୍ ସବୁହୁର ଗୋଟିଏ ଭାଗରେ ଅଗଷ୍ଟ ୨୦୦୮ ରେ ହୋଇଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଜର୍ମାନୀଗସ୍ତ ସମୟରେ ୨୦ ଅଗଷ୍ଟ ୨୦୦୮ ରେ ଜାମିଆ ଅହେମଦୀୟା ଜର୍ମାନୀର ଉଦ୍‌ଘାଟନ କରିଥିଲେ । ଖୁଦାମୁଲ୍ ଅହେମଦୀୟା ଜର୍ମାନୀ ବଇତୁଲ୍ ସବୁହୁଠାରେ ଥିବା ମର୍କଜି ସେଂଟର୍ 'ଅଇୱାନେ ଖିଦ୍‌ମତ୍' ଠାରେ ଥିବା ଅଫିସ୍ ସହିତ ସଂଲଗ୍ନ ଦୁଇଟିଯାକ ହଲ୍ ଏବଂ ଗ୍ୟାଲେରୀ ଖାଲି କରିଦେଇଥିଲେ । ଏହି ଦୁଇଟି ହଲ୍‌ରେ ଜାମିଆର ଦଫତର, ପ୍ରିନ୍‌ସିପାଲ୍ ଅଫିସ୍, ଷ୍ଟାଫ୍‌ରୁମ୍ ଏବଂ କ୍ଲାସ୍‌ରୁମ୍ ନିର୍ମାଣ କରାଯାଇଛି ଏବଂ ଛାତ୍ରମାନଙ୍କର ଆସେମ୍ବ୍ଲି ପାଇଁ ସ୍ଥାନ ତିଆରି କରାଯାଇଛି । ପୁଣି ଛାତ୍ରମାନଙ୍କର ହଷ୍ଟେଲ୍ ନିମନ୍ତେ ବଇତୁଲ୍ ସବୁହୁ ଠାରେ ଥିବା ତିନିମହଲା ଆବାସସ୍ଥଳକୁ ଉପଯୋଗ କରାଯାଉଛି । ଶିକ୍ଷାର୍ଥୀମାନଙ୍କ ନିମନ୍ତେ ଏକ ବହୁତ ବଡ଼ ଲାଇବ୍ରେରୀ ବଇତୁଲ୍ ସବୁହୁଠାରେ ପ୍ରଥମରୁ ଅଛି । ଏହି ମସ୍‌ଜିଦ୍, ପ୍ରୋଗ୍ରାମ୍ ପାଇଁ ହଲ୍, ରୋଷେଇଁ ହଲ୍, ଡାଇନିଂ ହଲ୍, ସ୍ପୋର୍ଟସ୍ ହଲ୍ ଏବଂ ପାର୍କି ନିମନ୍ତେ ଏ ବିରାଟ ଯାଗା ବଇତୁଲ୍ ସବୁହୁ ଠାରେ ପ୍ରଥମରୁ ଥିଲା । ସୁତରାଂ ଏହିପରି ଅଗଷ୍ଟ ୮ ରେ ଜାମିଆ ଅହେମଦୀୟାର ଶୁଭାରମ୍ଭ ହେଲା । ଏହି ସମୟରେ ଫ୍ରାଙ୍କ୍‌ଫର୍ଟ ସହରରୁ ୫୭ କି.ମି ଦୂରତାରେ ଥିବା ରେଡ୍‌ଷ୍ଟିଡ୍ ସହରରେ 'ମସ୍‌ଜିଦ୍ ଅଜିଜ୍' ସହିତ ସଂଲଗ୍ନ ଖାଲିଥିବା ୫୬୦୦ ସ୍କୋୟାର୍ ମିଟର୍‌ର ଗୋଟିଏ ପ୍ଲଟ୍ ଯାମିଆର ନିର୍ମାଣ ନିମନ୍ତେ କିଣା ଯାଇଅଛି ।

୧୫ ଡିସେମ୍ବର୍ ୨୦୦୯ ଦିନ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଜର୍ମାନୀ ଗସ୍ତ ସମୟରେ ଜାମିଆ ଅହେମଦୀୟା ଜର୍ମାନୀର ନୁଆ କୋଠାର ନିର୍ମାଣ ନିମନ୍ତେ ମୁଳଦୂଆ ରଖିଥିଲେ ।ଏହି ନିର୍ମାଣ କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ପାଇଁ ତିନିବର୍ଷ ସମୟ ଲାଗିଗଲା । ୧୭ ଡିସେମ୍ବର୍ ୨୦୧୨ ଦିନ ହଜୁର୍ ନିଜର ଜର୍ମାନୀଗସ୍ତ ସମୟରେ ଏହି ନୁଆ ଘର ଉଦ୍‌ଘାଟନ କରିଥିଲେ । ଏହି ଯାଗାର ପଶ୍ଚିମ ଭାଗରେ ଜାମିଆର ପାଠପଢ଼ା ଓ ଅନ୍ୟ ବ୍ୟବସ୍ଥାମୂଳକ କାର୍ଯ୍ୟ, ଅଫିସ୍ ଓ ଲାଇବ୍ରେରି ସହିତ ଦୁଇମହଲା କୋଠା ଅଛି । ଏହି ନୂଆ କୋଠାରେ ସାତଟି କ୍ଲାସ୍‌ରୁମ୍, ଦୁଇଟି ବଡ଼ ହଲ୍, ଗୋଟିଏ ଲାଇବ୍ରେରୀ ରୁମ୍, କମ୍ପ୍ୟୁଟର୍ ରୁମ୍, ପ୍ରିନ୍‌ସ୍‌ପାଲ ଦଫ୍‌ତର୍ ଓ ଷ୍ଟାଫ୍ ରୁମ୍ ବ୍ୟତୀତ ବିଭିନ୍ନ କାର୍ଯ୍ୟାଳୟ ଅଛି । ଗୋଟିଏ ବଡ଼ ରୋଷେଇ ଘର ଏବ ଡାଇନିଂ ହଲ୍ ମଧ୍ୟ ଅଛି । ବିଭିନ୍ନ ପ୍ରକାର ଗ୍ୟାଲେରୀ ଓ ନବି ମଧ୍ୟ ଅଛି । ଏହି ପ୍ଲଟ୍‌ର ପୂର୍ବ ଭାଗରେ ମସରୁର୍ ହଷ୍ଟେଲ୍‌ର ଦୁଇମହଲା କୋଠା ଅବସ୍ଥିତ । ହଷ୍ଟେଲ୍‌ର ଏହି କୋଠାରେ ବଡ଼ ବଡ଼ ସାଇଜିର ୩୧ଟି ଘର ଏବଂ ଗୋଟିଏ ବଡ଼ ହଲ୍, ଗୋଟିଏ ହଲ୍ କମନ୍‌ରୁମ୍ ହିସାବରେ ଅଛି ଯେଉଁଠି ଇନ୍ଦୋର ଖେଳର ବ୍ୟବସ୍ଥା ରଖାଯାଇଛି । ହଷ୍ଟେଲ୍‌ର ଗୋଟିଏ ଭାଗରେ ଲଂଡ୍ରି ରୁମ୍ ମଧ୍ୟ ଅଛି । ଶିକ୍ଷାର୍ଥୀମାନଙ୍କର ଖେଳ ପାଇଁ ଫୁଟ୍‌ବଲ୍, ଭଲିବଲ ଓ ବାସ୍କେଟ୍‌ବଲ୍ ନିମନ୍ତେ ଯାଗା ବା ସ୍ଥାନ ନିର୍ମାଣ କରାଯାଇଛି ।

କିଛିଦିନ ପୂର୍ବେ ଜାମିଆ ସହିତ ସଂଲଗ୍ନ ଗୋଟିଏ ନିର୍ମାଣ ହୋଇଥିବା କୋଠା ମଧ୍ୟ ତିନିଲକ୍ଷ ଷାଠିଏ ହଜାର ୟୁରୋ ଦ୍ୱାରା କିଣାହୋଇଅଛି । ଏହି ଯାଗାର ପରିଧି ୨୫୦୦ ସ୍କୋୟାର୍ ମିଟର ଅଟେ । ଏହା ଭିତରୁ ୧୦୪୫ ସ୍କୋୟାର୍ ମିଟର୍‌ର କୋଠା ନିର୍ମାଣ ହୋଇଯାଇଛି । ଏହି କୋଠାଟି

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ.......*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan